# ବିରଳ ଜାତିର ବୋଡ଼ା ଉଦ୍ଧାର



ନୀଳଗିରି, ୩୦।୧୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲ୍ଲା ନୀଳଗିରି କୁଲଡ଼ିହା ଅଭୟାରଣ୍ୟ ପାଦଦେଶ ଅଧୀନ ବାବନ୍ଧ ବିଟ୍ ହାଉସ ନିକଟରୁ ୧ ଫୁଟ ଲମ୍ବର ଏକ ବିରଳ ଜାତିର ବୋଡ଼ା ସାପ ଛୁଆ ଦେଖିବାକୁ ମିଳିଥିଲା। ସାପଟି ବୁଲୁଥିବା ବେଳେ ବିଟ୍ ହାଉସ୍ ଗାର୍ଡ ଭାରତୀ ସିଂ ଦେଖି ସାପ ଧରାଳି ସଦସ୍ୟ ହରେକୃଷ୍ଣ ରାଉତଙ୍କୁ ଖବର ଦେଇଥିଲେ। ରାଉତ ଘଟଣାସ୍ଥଳରେ ପହଞ୍ଚି ସାପକୁ ଉଦ୍ଧାର କରିଥିଲେ। ପରେ ସାପକୁ ନିକଟସ୍ଥ କୁଲଡ଼ିହା ଅଭୟାରଣ୍ୟରେ ଛାଡ଼ି ଦିଆଯାଇଥିବା ନେଇ ବନ ବିଭାଗ ତରଫରୁ ସୂଚନା ମିଳିଛି।

# ମେଗା ପାଣି ପ୍ରକଳ୍ପ, ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କଲେ ଜିଲାପାଳ

ଖଇରା, ୩୦।୧୧(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଶନିବାର ଖଇରା ବ୍ଲକର ଅର୍ଜୁନପୁରସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିଦର୍ଶନ କରିବା ସହ ଛାତ୍ରୀଛାତ୍ରଙ୍କ ସହ ଶୈକ୍ଷିକ ପରିବେଶ ଓ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଛନ୍ତି । ଏଥିସହ ବିଦ୍ୟାଳୟ ନିକଟରେ ବସବାସ କରୁଥିବା ଗ୍ରାମବାସୀଙ୍କ ସହ ମଧ୍ୟ ଏ ବିଷୟରେ ଆଲୋଚନା କରିଥିଲେ। ପରେ ନୂତନ ଭାବେ ତିଆରି ହେଉଥିବା ଛାତ୍ରୀନିବାସର କାମକୁ ଦେଖିବା ସହ ଶେଷ ହେବାରେ ବିଳମ୍ବକୁ ନେଇ ଅସନ୍ତୋଷ ପ୍ରକାଶ କରିବା ସହ ସୁରକ୍ଷା ପାଚେରି ନିର୍ମାଣ ପାଇଁ ନିର୍ଦ୍ଦେଶ ଦେଇଥିଲେ।

ଖଇରା ଆଦର୍ଶ ବିଦ୍ୟାଳୟକୁ ପୋଷ୍ୟ ବିଦ୍ୟାଳୟ ଭାବେ ଗ୍ରହଣ ପାଇଁ ଘୋଷଣା କରିଥିଲେ। ଭୋଜନର ମାନ ଯାଞ୍ଚ ପାଇଁ ସେ ପିଲାମାନଙ୍କ ଗହଣରେ ବସି ମଧ୍ୟାହ୍ନଭୋଜନ ମଧ୍ୟ କରିଥିଲେ। ଜିଲାପାଳଙ୍କ ସହ ଜିଲା ଶିକ୍ଷାଧିକାରୀ ପ୍ରାଚୀତନୟା ଗିରି, ଅତିରିକ୍ତ ଜିଲାଶିକ୍ଷାଧିକାରୀ ଧରଣୀଧର ପାତ୍ର, ବିଡିଓ ଅନନ୍ତ କୁମାର ହାଁସଦା, ତହସିଲଦାର ଜିତେନ୍ଦ୍ର ମୁର୍ମୁ, ବ୍ଲକ ଶିକ୍ଷାଧିକାରୀ ଗଦାଧର ଦାସ, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ଶଶିକାନ୍ତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଜିଲାପାଳ କୁପାରୀ ଜୋନରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପର ସମୀକ୍ଷା କରିବା ସହ ଶାରୀଶୁଆ ପାହାଡରେ ଖଣି ପରିଦର୍ଶନ କରିଥିଲେ। ଜନସାଧାରଣଙ୍କ ଅଭିଯୋଗ ଶୁଣି ଖୋଳାଯାଇଥିବା ରାସ୍ତାଗୁଡିକ ପୂର୍ବଭଳି ନିର୍ମାଣ କରିବାକୁ ଠିକାଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଶେଷରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ସାମଗ୍ରିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ସମ୍ପର୍କରେ ମେଡିକାଲ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା କରବା ଅବସରରେ ଆହାର କେନ୍ଦ୍ରକୁ ଯଥାସମ୍ଭବ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ କିମ୍ବା ଯଦି ସମ୍ଭବ ନ ହୁଏ ତେବେ ଅନ୍ୟ କୌଣସି ସ୍ଥାନ ଚିହ୍ନଟ କରିବାକୁ ତହସିଲଦାର ଓ ଅନ୍ୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।



ଜିଲାପାଳ ମେଗା ପ୍ରକଳ୍ପ ପରିଦର୍ଶନ କରୁଛନ୍ତି।

# ଜଉକଣ୍ଢେଇ ଶିଳ୍ପୀ କନକଲତାଙ୍କୁ ମିଳିଲା କଳିଙ୍ଗ କନ୍ୟା ସମ୍ମାନ



କନକଲତାଙ୍କୁ ସମ୍ମାନିତ କରାଯାଉଛି।

ବାଲେଶ୍ୱର, ୩୦।୧୧(ବାଞ୍ଛାନିଧି ଦେ)

ଓଡ଼ିଶାର ଅଗ୍ରଣୀ ସାମାଜିକ ଅନୁଷ୍ଠାନ ପ୍ରତିଭା ସମ୍ମାନ ଓଡ଼ିଶା ଟ୍ରଷ୍ଟ, ଭୁବନେଶ୍ୱର ତରଫରୁ ବାଲେଶ୍ୱରୀ ଜଉକଣ୍ଢେଇ ଶିଳ୍ପୀ କନକଲତା ଦାସଙ୍କୁ କଳିଙ୍ଗ କନ୍ୟା ସମ୍ମାନ-୨୦୨୪ ପ୍ରଦାନ କରାଯାଇଛି। ଭୁବନେଶ୍ୱରସ୍ଥିତ ଇଞ୍ଜିନିୟର୍ସ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଭବ୍ୟ ଓ ଆକର୍ଷଣୀୟ ସଭାରେ ଓଡ଼ିଶାର ବିଭିନ୍ନ ଜିଲାରୁ ବିଭିନ୍ନ ବର୍ଗ ଓ ବିଭାଗର ୧୦୦ ଜଣ ମହିଳା ପ୍ରତିଭାଙ୍କୁ ପୁଷ୍ପଗୁଚ୍ଛ, ଉପଢୌକନ, ମାନପତ୍ର ଓ କଳିଙ୍ଗ କନ୍ୟା ପୁସ୍ତକ ପ୍ରଦାନ କରାଯାଇଥିଲା। ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ଯୋଗଦେଇ ଏହି ସମ୍ମାନ ପ୍ରଦାନ କରିଥିଲେ।

ଟ୍ରଷ୍ଟର ସଭାପତି ଡ. ଅଶୋକ ମହାପାତ୍ର ସଭାପତିତ୍ୱ କରିଥିଲେ। ଅନ୍ୟତମ ଅତିଥି ଭାବରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ଡ. କୁମରବର ଦାସ, ଓଡ଼ିଆ ବିଶ୍ୱବିଦ୍ୟାଳୟର କୁଳପତି ଡ. ସବିତା ପ୍ରଧାନ ଯୋଗଦେଇ ଓଡ଼ିଆ ଅସ୍ମିତା ସୁରକ୍ଷା ସହ ଗ୍ରାମୀଣ ଓଡ଼ିଶାକୁ ସୁସ୍ଥ ଓ ସୁନ୍ଦର ରଖିବାର ଅବଦାନ ପାଇଁ ଏହି କଳିଙ୍ଗ କନ୍ୟାମାନଙ୍କର ଅବଦାନ ଅତୁଳନୀୟ ବୋଲି ବକ୍ତବ୍ୟରେ କହିଥିଲେ। କନକଲତାଙ୍କ ସମେତ ବାଲେଶ୍ୱରର ଆଇନଜୀବୀ ସ୍ନେହଲତା ଦାସ ପତି, ମୁକ୍ତା ଚାଷୀ ନୀନା ସିଂହ, ଝୋଟ କାରିଗର ଜୟନ୍ତୀ ନାୟକ, ବାଉଁଶ କାରିଗର ସରୋଜିନୀ ଦାସ, ପେଡିକ୍ରାଫ୍ଟ କାରିଗର ମିନତୀ ଦାସଙ୍କୁ ମଧ୍ୟ କଳିଙ୍ଗ କନ୍ୟା ସମ୍ମାନରେ ସମ୍ମାନିତ କରାଯାଇଥିଲା।

# ବାତ୍ୟା ପ୍ରଭାବିତ ଲୋକଙ୍କୁ ରିଲିଫ୍ ବଣ୍ଟନ




ଲୋକେ ରିଲିଫ୍ ଗ୍ରହଣ କରୁଛନ୍ତି।

କାଳିପଦା, ୩୦।୧୧(ରାଜଶ୍ରୀ ପାଣିଗ୍ରାହୀ)

ବାଲିଆପାଳ ବ୍ଲକ ଡଗରା ପଞ୍ଚାୟତ ଅଫିସ୍‌ରେ ଶନିବାର ଇନଫୋସିସ୍ ଫାଉଣ୍ଡେଶନ ଏବଂ ଓଡ଼ିଶା ରାଇଜିଂ ଫାଉଣ୍ଡେଶନର ମିଳିତ ସମନ୍ୱୟରେ ବାତ୍ୟା ଦାନାରେ ପ୍ରଭାବିତ ଲୋକଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। ଫାଉଣ୍ଡେଶନ ନିର୍ଦ୍ଦେଶକ ଐଶ ପ୍ରକାଶଙ୍କ ଉପସ୍ଥିତରେ ବାଲିଆପାଳ ଆର୍ମ ସଙ୍ଗଠନର ସଂଯୋଜକ ସଭ୍ୟ ରାଜେନ୍ଦ୍ର କୁମାର ରଣାଙ୍କ ସହଯୋଗରେ ଏହି ରିଲିଫ ବଣ୍ଟନ କରାଯାଇଥିଲା। ଓଡ଼ିଶାର ବିଭିନ୍ନ ସ୍ଥାନରେ ରିଲିଫ ବଣ୍ଟନର କାର୍ଯ୍ୟକ୍ରମ ରହିଥିବା ବେଳେ ବାଲିଆପାଳରେ ଡଗରା ପଞ୍ଚାୟତରେ ୧୦୭, ବେତଗଡିଆ ପଞ୍ଚାୟତରେ ୨୪୩ ଏବଂ ଭୋଗରାଇ ବ୍ଲକରେ ୧୫୦ଗାଁରେ ୫ଶହ ପ୍ୟାକେଟ ରିଲିଫ ସାମଗ୍ରୀ ଯୋଗ୍ୟ ହିତାଧିକାରୀଙ୍କୁ ଦିଆଯାଇଛି। ଡଗରା ସରପଞ୍ଚ ସତ୍ୟାନନ୍ଦ ମହାନ୍ତି, ଆର୍ମ ପ୍ରୋଗ୍ରାମ ଅଫିସର ପ୍ରମୋଦ କୁମାର ଭୂୟାଁ, କ୍ଷେତ୍ର ପ୍ରୋତ୍ସାହନକାରୀ ମୃତ୍ୟୁଞ୍ଜୟ ହାଜିରା , ସଙ୍ଗଠନର କର୍ମକର୍ତ୍ତା ଏନୁଷ ନାୟକ ପ୍ରମୁଖ ରିଲିଫ ବଣ୍ଟନରେ ସାମିଲ ହୋଇଥିଲେ।

# ଶିଶୁ ଅନୁକୂଳ ଇକୋ ପଞ୍ଚାୟତ ଗଠନ

ବାଲେଶ୍ୱର, ୩୦।୧୧(ବାଞ୍ଛାନିଧି ଦେ)

## ଏଫ୍‌ଏମ୍ ବିଶ୍ୱବିଦ୍ୟାଳୟର ଅଭିନବ ପଦକ୍ଷେପ

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସମାଜ ସେବା ବିଭାଗ ଓ ୟୁଥ୍ ଫର ସୋସିଆଲ ଡେଭେଲପମେଣ୍ଟ (ୱାଇଏସ୍‌ଡ଼ି) ଅନୁଷ୍ଠାନର ମିଳିତ ସହଯୋଗରେ ସମାଜସେବା ବିଭାଗର ଛାତ୍ରୀଛାତ୍ରଙ୍କ ନିମନ୍ତେ ଏକ ତିନିଦିନିଆ କର୍ମଶାଳା ଆୟୋଜିତ ହୋଇଛି। କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ତଥା ଅନୁମୋଦନକ୍ରମେ ଏହି କର୍ମଶାଳାକୁ ଶ୍ରେଣୀଗୃହରେ ସୀମିତ ନ ରଖି ବିଶ୍ୱବିଦ୍ୟାଳୟର ପୋଷ୍ୟ ଗ୍ରାମ ମର୍ଦ୍ଦରାଜପୁରରେ ଏକ ଅଂଶଗ୍ରହଣକାରୀ ଗ୍ରାମୀଣ ମୂଲ୍ୟାଙ୍କନ ଅଭ୍ୟାସ କାର୍ଯ୍ୟକ୍ରମ ସମ୍ପାଦନ କରାଯାଇଥିଲା। ଆସିଷ୍ଟାଣ୍ଟ ପ୍ରଫେସର ରଶ୍ମିରେଖା ରାଉତଙ୍କ ତତ୍ତ୍ୱାବଧାନରେ ଏହା ପରିଚାଳିତ ହୋଇଥିଲା। ୱାଇଏସ୍‌ଡି ଅନୁଷ୍ଠାନର ସମ୍ପାଦକ ବିଭୁପ୍ରସାଦ ସାହୁ, କର୍ମକର୍ତ୍ତା ଚନ୍ଦନ କୁମାର ସାହୁ ଓ ସୁଦୀପ କୁମାର ଚକ୍ରବର୍ତ୍ତୀଙ୍କ ଦ୍ୱାରା ଶିଶୁମାନଙ୍କ କଲ୍ୟାଣ ଓ ବିକାଶ ପାଇଁ ଗାଁରେ ଏକ ଅନୁକୂଳ ପରିବେଶ ଗଠନ କରାଯିବାର ଆବଶ୍ୟକତାକୁ ଅନୁଭବ କରି ଏକ ସଚେତନଶୀଳ ରଣନୀତିକ ଉପାୟଗୁଡ଼ିକ ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ସମସାମୟିକ ପ୍ରଣାଳୀଗତ ପ୍ରଶିକ୍ଷଣ ଦେଇଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଉଦ୍ଦେଶ୍ୟଗୁଡ଼ିକ ଯଥା ପାଠପଢ଼ାରୁ ନିବୃତ୍ତ ରହିଥିବା ଛାତ୍ରୀଛାତ୍ରଙ୍କୁ ପୁନଃ ସ୍କୁଲ ଯିବା ପାଇଁ ଉତ୍ସାହିତ କରିବା, ବାଲ୍ୟବିବାହକୁ ବିରୋଧ କରିବା, ସରକାରୀ ସ୍ତରରେ ଥିବା 'ଶିଶୁ ଅଧିକାର ଆଇନ' ସମ୍ବନ୍ଧରେ ଅବଗତ କରିବା ଓ ନିଶାସେବନ ଆଦି ଅନ୍ୟାନ୍ୟ ଅସାମାଜିକ ଅଭ୍ୟାସକୁ ପରିତ୍ୟାଗ କରିବାରେ ଶିଶୁମାନଙ୍କୁ ସହାୟତାର ହାତ ବଢ଼ାଇବା ଆଦିର ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକଙ୍କ ସହ ସଖୀ-ସହେଲି, ସଖା-ବନ୍ଧୁ, ଅଙ୍ଗନୱାଡି କର୍ମଚାରୀ, ଆଶା କର୍ମଚାରୀ, କମ୍ୟୁନିଟି ହେଲ୍‌ଥ ଅଧିକାରୀ, ସ୍କୁଲର ଶିକ୍ଷକ-ଶିକ୍ଷୟିତ୍ରୀ, ପଞ୍ଚାୟତିରାଜ ଅନୁଷ୍ଠାନ ସମେତ ପଞ୍ଚାୟତ ସମିତିର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ମର୍ଦ୍ଦରାଜପୁର ପଞ୍ଚାୟତକୁ 'ଶିଶୁ ଅନୁକୂଳ ଇକୋ ପଞ୍ଚାୟତ' ନାମରେ ଘୋଷିତ କରାଯିବାର ନିଷ୍ପତ୍ତି ହୋଇଥିଲା। ସ୍ନାତକୋତ୍ତର ପରିଷଦ ଅଧକ୍ଷ ପ୍ରଫେସର ଭାସ୍କର ବେହେରା ଛାତ୍ରୀଛାତ୍ରଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସମାଜସେବା ବିଭାଗର ସଂଯୋଜକ ଡ. ଗ୍ରେସ ବି ମୁଣ୍ଡ ଧନ୍ୟବାଦ ଜଣାଇଛନ୍ତି।




କାର୍ଯ୍ୟକ୍ରମରେ ସାମିଲ ସମାଜସେବା ବିଭାଗ ଛାତ୍ରୀଛାତ୍ର।

# ନୟନଯୋରୀରୁ ମୃତଦେହ ଜବତ

ସୋର, ୩୦।୧୧(ଜନ୍ମେଜୟ ମିଶ୍ର)

ସୋର ଥାନା ଦାଣ୍ଡହରିପୁର ରେଳଫାଟକ ନିକଟରେ ନୟନଯୋରୀରୁ ପାଣିରୁ ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ଦାଣ୍ଡହରିପୁର ଗ୍ରାମର କୃଷ୍ଣଚନ୍ଦ୍ର ମଲିକ (୫୭) ଶୁକ୍ରବାର ସନ୍ଧ୍ୟାରେ ବାରିକପୁର ହାଟରୁ ସାଇକେଲରେ ଫେରିବା ବେଳେ ରେଳ ଫାଟକ ନିକଟରେ ଥିବା ଏକ ନୟନଯୋରୀରେ ପଡ଼ିଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ଶନିବାର ସ୍ଥାନୀୟ ଲୋକେ କୃଷ୍ଣ ପାଣିରେ ଭାସୁଥିବା ଦେଖି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏଥିସହିତ ସୋର ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏକ ମାମଲା (ନଂ. ୯୦/୨୪) ରୁଜୁ କରି ମୃତଦେହ ଜବତ କରି ସୋର ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ମା' ବଣାଶୁଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ସିମୁଳିଆ, ୩୦।୧୧ (ସନ୍ତୋଷ ନାୟକ)



ସିମୁଳିଆ ବ୍ଲକ ବଣା ଅଞ୍ଚଳର ଆଦ୍ୟାଶକ୍ତି ପରମବୈଷ୍ଣବୀ ମା'ବଣାଶୁଣୀଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଶୁକ୍ରବାର ମଣ୍ଡପ ତୋରଣ ସ୍ଥାପନ, ଶନିବାର ପ୍ରାତଃରେ ଅଧିବାସ, କୁଣ୍ଡ ମଣ୍ଡପ ନିର୍ମାଣ ଓ ବାଣେଶ୍ୱର ମହାଦେବ ପୁଷ୍କରଣୀରୁ ଘଟୋତ୍ତଳନ କରାଯାଇ ନଗର ପରିକ୍ରମା କରାଯାଇଥିଲା। ପରେ ସଂକଳ୍ପ, ଘଟ ମଣ୍ଡଳ ପୂଜା ଓ ଯଜ୍ଞ ଆରମ୍ଭ କରାଯାଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନ, ଅପରାହ୍ନରେ ଶ୍ରୀମାନ ନାରାୟଣ ଓ ମା' ଭଗବତୀ ଚଣ୍ଡି ପୂଜା, ଦୁର୍ଗାମାଧବ ପୂଜା, ସନ୍ଧ୍ୟାରେ ନାରାୟଣ ସେବା ଓ ପୂର୍ଣ୍ଣାହୂତି ଉତ୍ସବ ଅନୁଷ୍ଠିତ ହୋଇଥିଲା। ମୁଖ୍ୟପଣ୍ଡିତ ଦୟାନିଧି ପତ୍ରୀଙ୍କ ପରିଚାଳନାରେ କଳ୍ପତରୁ ଦାଶ, ବିଜୟ କୁମାର ଦାଶ, ନିଶାକର ପାଣିଗ୍ରାହୀ, ଭାରତଭୂଷଣ ଦାଶ ପ୍ରମୁଖ ୯ଜଣ ପଣ୍ଡିତ ଯୋଗ ଦେଇଥିଲେ। ୧୪ଜଣ ବ୍ରତୀ କର୍ମକାଣ୍ଡରେ ଯୋଗ ଦେଇଥିଲେ। ଅନୁଷ୍ଠାନ ସଭାପତି ପଦ୍ମନାଭ ମହାପାତ୍ର, ସମ୍ପାଦକ ପ୍ରଦୀପ କୁମାର ମହାପାତ୍ର, କୋଷାଧ୍ୟକ୍ଷ ମହେଶ୍ୱର ମହାରଣାଙ୍କ ସମେତ ୧୫ଜଣ କମିଟି ସଭ୍ୟ, ଗ୍ରାମବାସୀ ଓ ଭକ୍ତମାନେ ସହଯୋଗୀ ଥିଲେ।

# ୨ରେ ଜିଲାପାଳ କାର୍ଯ୍ୟାଳୟ ଘେରିବେ ଭୋଗରାଇ ଡିଲର୍ସ

ଭୋଗରାଇ, ୩୦।୧୧( ପ୍ରଦୀପ ଦାସ)

ଡିଲର୍ସଙ୍କ ପାରିଶ୍ରମିକ ବୃଦ୍ଧି, ବକେୟା ରାଶି ଟଙ୍କା ପ୍ରଦାନ, ନିର୍ଦ୍ଧାରିତ ଓଜନର ଖାଉଟି ସାମଗ୍ରୀ ଯୋଗାଇଦେବା, ଇକେୱାଇସି ବାବଦକୁ ପାରିଶ୍ରମିକ ଅର୍ଥ ଦେବା ଆଦି ୭ ଦଫା ଦାବି ନେଇ ସର୍ବଭାରତୀୟ ଡିଲର୍ସ ଫେଡେରେଶନ ପକ୍ଷରୁ ଡାକରା ଦିଆଯାଇଥିବା ଆନ୍ଦୋଳନକୁ ଭୋଗରାଇ ଡିଲର୍ସ ସଂଘ ସମର୍ଥନ କରିଛି। ଏଥିପାଇଁ ଭୋଗରାଇ ବାଟଗ୍ରାମସ୍ଥିତ ଡାକବଙ୍ଗଳାରେ ଶନିବାର ଡିଲର୍ସ ସଂଘ ପକ୍ଷରୁ ଆନ୍ଦୋଳନ ସମ୍ପର୍କରେ ଆଲୋଚନା ଓ ପର୍ଯ୍ୟାଲୋଚନା କରାଯାଇ ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଡିଲର୍ସ ସଂଘ ସଭାପତି ଉମେଶ ଚନ୍ଦ୍ର ପାତ୍ରଙ୍କ ପୌରୋହିତ୍ୟରେ ପରିଚାଳିତ ଉପସଭାପତି ଆଶିଷ ମହାନ୍ତି, ସମ୍ପାଦକ ତପନ ଦାସ, ସଦସ୍ୟ କମଳଲୋଚନ ଦାସ, ଉପେନ୍ଦ୍ର ବାରିକ, ଲକ୍ଷ୍ମୀକାନ୍ତ ପଣ୍ଡା, ପ୍ରଣୟ ଜେନା, ଗଗନ ଆଚାର୍ଯ୍ୟ ଡିଲର୍ସମାନଙ୍କ ସମସ୍ୟା ସମ୍ପର୍କରେ ଆଲୋକପାତ କରିବା ସହିତ ଭୋଗରାଇରେ ୯୭ଜଣ ଡିଲର୍ସ ଡିସେମ୍ବର ୨ରେ ବାଲେଶ୍ୱର ଜିଲାପାଳ କାର୍ଯ୍ୟାଳୟ ଘେରାଉରେ ସାମିଲ ହେବେ ବୋଲି ଏକ ଖବରଦାତା ସମ୍ମିଳନୀରେ ମତ ପ୍ରକାଶ କରିଥିଲେ।

# ଜାତୀୟ ପୋଷ୍ୟସନ୍ତାନ ଗ୍ରହଣ ସଚେତନତା ରଥ ଶୁଭାରମ୍ଭ

ବାଲେଶ୍ୱର, ୩୦।୧୧(ବାଞ୍ଛାନିଧି ଦେ)

ବାଲେଶ୍ୱର ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ପକ୍ଷରୁ ଜାତୀୟ ପୋଷ୍ୟ ସନ୍ତାନ ଗ୍ରହଣ ସଚେତନତା ରଥ ଶୁଭାରମ୍ଭ ହୋଇଛି। ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏହି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ରଥ ଜିଲା ପରିକ୍ରମା କରି ପୋଷ୍ୟସନ୍ତାନ ଗ୍ରହଣ ପାଇଁ ଥିବା ଆଇନଗତ ବ୍ୟବସ୍ଥା ଓ ଅନଲାଇନ ମାଧ୍ୟମରେ ଆବେଦନ ବ୍ୟବସ୍ଥା ସମ୍ପର୍କରେ ସଚେତନତା କରିବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରିଣୀ ଦେବାଙ୍ଗନା ବାରିକ ସୂଚନା ଦେଇଥିଲେ। ସହକାରୀ ଶ୍ରମ ଅଧିକାରୀ କୁମାର ବାସୁଦେବ, ଶିଶୁ ମଙ୍ଗଳ କମିଟି ସଦସ୍ୟ ଶତ୍ରୁଘ୍ନ ମଲିକ, ପ୍ରୋଗ୍ରାମ ଅଫିସର ସୁବର୍ଣ୍ଣମଣି ବେହେରା, ସଂଯୁକ୍ତା ରାଉତ ଓ ରଶ୍ମିରେଖା ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।




ଅତିଥିଙ୍କ ଗହଣରେ ଜିଲାପାଳ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

# ସଙ୍କୁଳସ୍ତରୀୟ ଶିଶୁଭାରତୀ କର୍ମଶାଳା

ଖଇରା, ୩୦।୧୧(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ନଟପଡା ଛକସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶୁକ୍ରବାର ସଙ୍କୁଳସ୍ତରୀୟ ଶିଶୁଭାରତୀ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସୋର ସଙ୍କୁଳର ୧୨ଟି ବିଦ୍ୟାଳୟରୁ ୭୨ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। କମଳାକାନ୍ତ ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଅଧାପକ ବନମାଳୀ ବାରିକ, ସଂକୁଳ ସଂଯୋଜକ ଅଶୋକ ରଞ୍ଜନ ପଲାଇ, ସହସଂଯୋଜକ ଖଗେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ। ଗୁରୁମା ଅହଲ୍ୟା ପାଣି, ସବିତା ମହାନ୍ତି, ମିତା ପାତ୍ର, ବାସନ୍ତୀ ମହାପାତ୍ର, କବିତା ପାଣିଗ୍ରାହୀ, ଗୁରୁଜୀ ଦେବେନ୍ଦ୍ର ପାଣିଗ୍ରାହୀ, ବଳରାମ ଲେଙ୍କା, ପ୍ରଭାକର ଓଝା, ଶୁକଦେବ ପରିଡା, ପଙ୍କ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ହୋଟେଲରେ ଯୁବକଙ୍କୁ ଆକ୍ରମଣ, ଜଣେ ଗିରଫ

ସୋର, ୩୦।୧୧(ଜନ୍ମେଜୟ ମିଶ୍ର): ସୋର ପେଟ୍ରୋଲ ପମ୍ପ ନିକଟ ହୋଟେଲରେ ଖାଇବା ବେଳେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଶୁକ୍ରବାର ହୋଟେଲରେ ୩ଜଣ ଯୁବକ ଖାଉଥିଲେ। ଏହି ସମୟରେ ସୋର ଥାନା କମରପୁର ଗ୍ରାମର ଅଶୋକ ବାରିକ ସେଠାକୁ ଖାଇବାକୁ ଯାଇଥିବା ବେଳେ ୩ଜଣ ଯୁବକଙ୍କ ମଧ୍ୟରୁ ଜଣେ ଯୁବକ ଅଶୋକଙ୍କୁ ଫ୍ୟାନ ଚଲାଇବା ପାଇଁ କହିଥିଲେ। ଏଥିରେ ଅଶୋକ ତାଙ୍କୁ ପ୍ରତିବାଦ କରିଥିଲେ। ଫଳରେ ୩ ଯୁବକଙ୍କ ମଧ୍ୟରୁ ଜଣେ ଯୁବକ ଏଥିରେ ଉତକ୍ଷିପ୍ତ ହୋଇ ଏକ ଲୁହା ଖୁସୁଣୀରେ ତାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ଅଶୋକଙ୍କ ମୁଣ୍ଡ ଫାଟିଯିବା ସହିତ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଏବଂ ହୋଟେଲ କର୍ମଚାରୀମାନେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅନ୍ୟପକ୍ଷର ଯୁବକ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ତାଙ୍କର ଅନ୍ୟ ଜଣେ ସହଯୋଗୀଙ୍କୁ ହୋଟେଲ କର୍ମଚାରୀମାନେ ଅଟକ ରଖି ସୋର ପୋଲିସ ଜିମା ଦେଇଥିଲେ। ଅଶୋକ ସୋର ଡାକ୍ତରଖାନାରେ ଚିକିତ୍ସିତ ହୋଇ ଫେରିବା ପରେ ସୋର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା(ନଂ. ୯୯୩/୨୪) ରୁଜୁ କରି ଏହି ଘଟଣାରେ ସହଯୋଗ କରିଥିବା ଅପରାଧରେ ଥାନାରେ ଅଟକ ଥିବା ସିମୁଳିଆ ଥାନା ଆନନ୍ଦପୁର ଗ୍ରାମର ପୁରୁଷୋତ୍ତମ ପଣ୍ଡା (୪୭)ଙ୍କୁ ଗିରଫ କରି କୋର୍ଟଚାଲଣ କରିଛି। ମୁଖ୍ୟ ଅଭିଯୁକ୍ତଙ୍କ ସମେତ ଅନ୍ୟ ଜଣେ ସହଯୋଗୀ ଫେରାର ଅଛନ୍ତି।






# ୨୧ ବର୍ଷରେ ଏଡ୍ସରେ ଗଲାଣି ୨୯୮ ଜୀବନ

ଭଦ୍ରକ,୩୦।୧୧(ସନାତନ ରାଉତ)

**ଆଜି ବିଶ୍ୱ ପାଳିବ ଏଡ୍ସ ଦିବସ**

ଡିସେମ୍ବର ୧କୁ ବିଶ୍ୱ ଏଡ୍ସ ଦିବସ ଭାବେ ପାଳନ କରାଯାଉଛି। ଏଡ୍ସରୁ ରକ୍ଷା ପାଇବା ପାଇଁ ପଥପ୍ରାନ୍ତ ନାଟକ, ପାଲା, ଦାସକାଠିଆ, ଘୋଡ଼ାନାଚ, ଶୋଭାଯାତ୍ରା ମାଧ୍ୟମରେ ସଚେତନତା କରାଯାଉଛି। ଏହା ସତ୍ତ୍ୱେ ଏଡ୍ସ ସଂକ୍ରମଣ ବଢ଼ି ଚାଲିଥିବା ବେଳେ ମୃତ୍ୟୁ ସଂଖ୍ୟା ମଧ୍ୟ ବଢୁଛି। ଭଦ୍ରକ ଜିଲା ସ୍ୱାସ୍ଥ୍ୟ ବିଭାଗ ସୂଚନା ଅନୁଯାୟୀ ଗତ ୨୦୦୩ ରୁ ଏପର୍ଯ୍ୟନ୍ତ ୨୧ ବର୍ଷରେ ଜିଲାରେ ଏଡ୍ସରେ ୨୯୮ଜଣଙ୍କ ମୃତ୍ୟୁ ଘଟିଛି। ୨୧ବର୍ଷରେ ୬ ଲକ୍ଷ ୬୫ ହଜାର ୩୨୦ଜଣଙ୍କ ରକ୍ତ ନମୁନା ପରୀକ୍ଷା ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୧୨ ଜଣଙ୍କ ରକ୍ତ ନମୁନା ପଜିଟିଭ୍ ରହିଛି। ୨୦୦୩ରେ ୨୪ଜଣ ପଜିଟିଭ୍ ହୋଇଥିବା ବେଳେ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ସେହିପରି ୨୦୦୪ରେ ୫, ୨୦୦୫ରେ ୭, ୨୦୦୬ରେ ୬ ଓ ୨୦୦୭ରେ ୨୨ଜଣଙ୍କ ମୃତ୍ୟୁ ହୋଇଥିଲା। ପରେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ି ଚାଲିବା ସହ ମୃତ୍ୟୁ ସଂଖ୍ୟା ମଧ୍ୟ ବଢ଼ିଥିଲା। ସେହିପରି ଗତ ୨୧ ବର୍ଷରେ ଭଦ୍ରକ ବ୍ଲକରେ ସର୍ବାଧିକ ୨୭୨ ଓ ଭଣ୍ଡାରିପୋଖରୀ ବ୍ଲକରେ ସର୍ବନିମ୍ନ ୫୧ଜଣ ପଜିଟିଭ୍ ହୋଇଛନ୍ତି। ବାସୁଦେବପୁରରେ ୨୪୬, ଧାମନଗରରେ ୧୫୩, ତିହିଡ଼ିରେ ୧୩୩, ଚାନ୍ଦବାଲିରେ ୯୯ ଏବଂ ବନ୍ତରେ ୮୩ ଜଣ ଆକ୍ରାନ୍ତ ହୋଇଥିବା ବେଳେ ଅନ୍ୟ ଜିଲାରୁ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ପରୀକ୍ଷା ହୋଇଥିବା ରକ୍ତ ନମୁନା ମଧ୍ୟରେ ୧୭୫ଜଣ ଆକ୍ରାନ୍ତ ଅଛନ୍ତି। ଏହାବ୍ୟତୀତ ପ୍ରସବକାଳୀନ ସମୟରେ ମୋଟ ୯୧ଜଣ ଶିଶୁ ପଜିଟିଭ୍ ବାହାରିଥିବା ସୂଚନା ମିଳିଛି। ସେମାନଙ୍କ ମଧ୍ୟରୁ ୪୭ଜଣ ଶିଶୁପୁତ୍ର ଥିବାବେଳେ ୪୪ଜଣ ଶିଶୁକନ୍ୟା ଅଛନ୍ତି।

ସଚେତନତା ଅଭାବରୁ ଏଡ୍ସ ଆକ୍ରାନ୍ତଙ୍କ ସଂଖ୍ୟା ବଢୁଛି। ବାହାରକୁ ଯାଉଥିବା ଯୁବକମାନଙ୍କ ମଧ୍ୟରେ ଅଧିକାଂଶ ଏହାର ଶିକାର ହେଉଛନ୍ତି। ଏକାଧିକ ମହିଳାଙ୍କ ସହ ଯୌନ ସମ୍ପର୍କ ଦ୍ୱାରା ଏହା ବ୍ୟାପୁଥିବା ବେଳେ ହ୍ରାସ ପାଇଁ ନିଜେ ସଚେତନ ହେବା ଆବଶ୍ୟକ ବୋଲି ଜିଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡା. ସୁଧାଂଶୁ ବଳ କହିଛନ୍ତି।

## ସ୍ଥାୟୀ ନିଯୁକ୍ତି ପାଇଁ ଦିବ୍ୟାଙ୍ଗ ଜଗନ୍ନାଥଙ୍କ ନିବେଦନ

ଚାନ୍ଦବାଲି,୩୦।୧୧(ଅଶୋକ ପଣ୍ଡା)

ବାଂଶଡ଼ା ଥାନା ଅଧୀନ ନୂଆଗାଁ ଗ୍ରାମର ଦିବ୍ୟାଙ୍ଗ ଜଗନ୍ନାଥ ସାହୁ ଭଦ୍ରକ ଉପଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟରେ ଆଉଟ୍‌ସୋର୍ସିଂରେ ପିଅନ ପଦବୀରେ କାର୍ଯ୍ୟରତ ଅଛନ୍ତି। ବିଶ୍ୱ ଭିନ୍ନକ୍ଷମ ଦିବସ ଅବସରରେ ଆଉଟ୍‌ସୋର୍ସିଂ କର୍ମଚାରୀରୁ ତାଙ୍କୁ ସ୍ଥାୟୀ ନିଯୁକ୍ତି ପାଇଁ ଜଗନ୍ନାଥ ଶନିବାର ଡାକ ଯୋଗେ ଉଚ୍ଚଶିକ୍ଷା, କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ନିବେଦନ ପତ୍ର ପଠାଇଛନ୍ତି। ଏହାର ଏକକିତା ନକଲ ଡାକ ଯୋଗେ ମୁଖ୍ୟମନ୍ତ୍ରୀ ଓ ଉପ ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପ୍ରେରଣ କରିଛନ୍ତି। ଆସନ୍ତା ସୋମବାର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠରେ ଦେଖା କରିବେ ବୋଲି ସେ କହିଛନ୍ତି।

## ବିଜ୍ଞାନ ମେଳାରେ ୯୪ ପ୍ରକଳ୍ପ



ଛାତ୍ରୀଛାତ୍ରଙ୍କ ଦ୍ୱାରା ପ୍ରଦର୍ଶିତ ପ୍ରକଳ୍ପ ଦେଖୁଛନ୍ତି ଅତିଥି।

ବାସୁଦେବପୁର,୩୦।୧୧(ନାରାୟଣ ପ୍ରସାଦ ବାରିକ୍)

ବାସୁଦେବପୁର ସହରସ୍ଥିତ ମିରାକିଲ ପବ୍ଲିକ ସ୍କୁଲ ପକ୍ଷରୁ ଶନିବାର ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ୯୪ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଛି। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡ଼ା ଯୋଗଦେଇ ବିଜ୍ଞାନ ମେଳାକୁ ଉଦ୍‌ଘାଟନ କରିବା ଅବସରରେ ବିଜ୍ଞାନର ଆବଶ୍ୟକତା ଓ ଉପକାରିତା ମାନବ ସମାଜ ପାଇଁ କେତେ ଜରୁରୀ, ସେ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ତଥା ଶିଳ୍ପପତି ମହେଶ ଚନ୍ଦ୍ର ଦାସ, ପ୍ରକଳ୍ପ ସମୀକ୍ଷକ ଭାବେ ପୂର୍ବତନ ପ୍ରଧାନ ଶିକ୍ଷକ ଯାମିନୀକାନ୍ତ ପାଢ଼ୀ, ରେବତୀ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। ଶିକ୍ଷାନୁଷ୍ଠାନର ଚେୟାରମ୍ୟାନ ଦୁଶାସନ ରାଉତ, ସମ୍ପାଦକ ରାହାସ ବିହାରୀ ମହାନ୍ତି, ଅଧ୍ୟକ୍ଷ ପ୍ରୀତିରଞ୍ଜନ ସାହୁଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗ ଦେଇଥିଲେ।

## ବିଡିଓଙ୍କ ଅଭିଯୋଗ ପରେ ଥାନାରେ ମାମଲା ରୁଜୁ

ଭଦ୍ରକ,୩୦।୧୧(ସନାତନ ରାଉତ)

**ପଧାନପଡ଼ା ମହିଳା ମହାସଂଘ ଟଙ୍କା ହଡ଼ପ ଘଟଣା**

ବନ୍ତ ବ୍ଲକ ପଧାନପଡ଼ା ପଞ୍ଚାୟତର ସରସ୍ୱତୀ ମହିଳା ମହାସଂଘରେ ଅର୍ଥ ହଡ଼ପ ଘଟଣାକୁ ନେଇ ଦୀର୍ଘଦିନ ଧରି ବାଦବିବାଦ ଲାଗି ରହିଥିବା ବେଳେ ଶେଷରେ ବନ୍ତ ଥାନାରେ ମାମଲା ରୁଜୁ ହୋଇଛି। ବନ୍ତ ବିଡିଓ ପ୍ରଦୀପ ସେଠୀଙ୍କ ଚିଠି ନଂ. ୨୫୨୩ ଆଧାରରେ ପୋଲିସ ଏକ ମାମଲା (ନଂ.୧୮୭/୨୪) ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ପଞ୍ଚାୟତ ମହିଳା ମହାସଂଘର ସିଆଇଏଫ୍, ଆଇବି, ଇସି, ଟିଏ, ଡିଏ ଆକାଉଣ୍ଟରୁ ୧୧ ଲକ୍ଷ ୩୦ ହଜାର ୯୭୫ ଟଙ୍କା ଆର୍ଥିକ ଅନିୟମିତତା ହୋଇଛି। ଏନେଇ ବ୍ଲକଠାରୁ ଆରମ୍ଭ କରି ଜିଲାପାଳଙ୍କ ପର୍ଯ୍ୟନ୍ତ ସିଆର୍‌ପିଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏକ ଟିମ୍ ଦ୍ୱାରା ସମସ୍ତ କାଗଜପତ୍ର ଓ ବ୍ୟାଙ୍କ ଆକାଉଣ୍ଟ ଯାଞ୍ଚ ପରେ ସଂଘର ସଭାନେତ୍ରୀ ସୁକାନ୍ତି ପଢ଼ିଆରୀ, ସମ୍ପାଦିକା ମାଳତୀ ଜେନା ଓ ଏମ୍‌ବିକେ ସରୋଜିନୀ ନାଥ ଏହି ଅନିୟମିତତାରେ ସମ୍ପୃକ୍ତ ଥିବା ପ୍ରମାଣିତ ହୋଇଥିଲା। ସେମାନେ ୨ ଲକ୍ଷ ୯୮ ହଜାର ଟଙ୍କା ଫେରସ୍ତ କରିଥିବା ବେଳେ ବାକି ୮ ଲକ୍ଷ ୩୨ ହଜାର ୯୭୫ ଟଙ୍କା ଏପର୍ଯ୍ୟନ୍ତ ଫେରସ୍ତ କରି ନ ଥିବାରୁ ବିଡିଓ ସେମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଥାନାରେ ଅଭିଯୋଗ କରିଛନ୍ତି। ବିଡିଓ ଏହାର ନକଲ ଜିଲା ମିଶନ ଶକ୍ତି, ଡିପିଏମ୍, ଜିଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ଓ ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି।

## ଆବାସ ଯୋଜନାରେ ସାମିଲ ହେବେ ଯୋଗ୍ୟ ହିତାଧିକାରୀ



ବିଡିଓ ଜ୍ୟୋତିର୍ମୟ କର ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରୁଛନ୍ତି।

ତିହିଡ଼ି,୩୦।୧୧(ସଞ୍ଜିତ ବଳ)

**ବ୍ଲକ ପ୍ରଶାସନ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ**

ତିହିଡ଼ି ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ସାମିଲ କରାଯିବ। ତଦନୁଯାୟୀ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଆସନ୍ତା ମାସରେ ବିଭିନ୍ନ ପଞ୍ଚାୟତରେ ସେନେଇ ୩ଦିନ ଧରି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ହିତାଧିକାରୀଙ୍କୁ ଏ ସମ୍ପର୍କରେ ଅବଗତ କରିବାକୁ ପ୍ରଶାସନ ପକ୍ଷରୁ ଶନିବାରଠାରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ପ୍ରଚାର ଆରମ୍ଭ ହୋଇଛି। ବିଡିଓ ଜ୍ୟୋତିର୍ମୟ କର ପତାକା ଦେଖାଇ ଏହି ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି।

ବ୍ଲକ ଅଧୀନ ୩୧ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ ଲାଗି ହିତାଧିକାରୀ ଚୟନ କରାଯିବ। ତଦନୁଯାୟୀ ପ୍ରାଥମିକ ପର୍ଯ୍ୟାୟରେ ପ୍ରତି ପଞ୍ଚାୟତରେ ଡିସେମ୍ବର ୨, ୩ ଓ ୪ରେ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ହିତାଧିକାରୀମାନେ ମଧ୍ୟ ଏଥିରେ ଅଂଶଗ୍ରହଣ କରି ଯୋଜନା ସମ୍ପର୍କରେ ସବିଶେଷ ତଥ୍ୟ ହାସଲ କରିପାରିବେ। ପରେ ସେମାନେ ଯୋଜନା ପାଇଁ ଯୋଗ୍ୟ ହେବେ କି ନାହିଁ, ସେ ସମ୍ପର୍କରେ ଅବଗତ ହୋଇ ଆବେଦନ କରିପାରିବେ। ଏହି ତାଲିମ କାର୍ଯ୍ୟକ୍ରମ ପରେ ବ୍ଲକ କର୍ମଚାରୀମାନେ ବିଭିନ୍ନ ଗ୍ରାମକୁ ଯାଇ ଏହାର ସର୍ଭେ କରିବେ। ସର୍ଭେ ପରେ ଯୋଗ୍ୟ ହିତାଧିକାରୀ ଚିହ୍ନଟ କରାଯିବ। ସେନେଇ ରିପୋର୍ଟ ପ୍ରଦାନ କରାଯିବା ପରେ ସରକାରଙ୍କ ପକ୍ଷରୁ ଅନୁଦାନ ଯୋଗାଇ ଦିଆଯିବ ବୋଲି ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡ଼ିଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ସଚେତନତା କାର୍ଯ୍ୟକ୍ରମର ଶୁଭାରମ୍ଭ ବେଳେ ବିଡିଓଙ୍କ ସହ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ପ୍ରଫୁଲ୍ଲ ଦାସ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ନୀହାର ରଞ୍ଜନ ରାଉତ, ଭାଜପାର ବରିଷ୍ଠ ନେତା ଦେବେନ୍ଦ୍ର ପୁହାଣ, ରାଜାରାମ ମହାକୁଡ଼, ଭରତ ଚନ୍ଦ୍ର ସାହୁ, ସରପଞ୍ଚ ସୁବୋଧ ବଳ, ଶୁଭ୍ରନାରାୟଣ ସେଠୀ, ପ୍ରଦୀପ ବଳ, ସଞ୍ଜୀବ ବେହେରା, ନିହାରିକା ବିଶ୍ୱାଳ, ଜୀବନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ସାଂସଦ ପୋଷ୍ୟ ପଞ୍ଚାୟତ ଅବହେଳିତ

ଆଗରପଡ଼ା,୩୦।୧୧(ସୁଶାନ୍ତ ଦାଶ)

**ଯୋଜନାକୁ ପୂରିଲା ୯ ବର୍ଷ**

ଗ୍ରାମାଞ୍ଚଳର ଉନ୍ନତି ପାଇଁ ସାଂସଦ ପୋଷ୍ୟ ଗ୍ରାମ୍ୟ ଯୋଜନା କରାଯାଇଥିଲା। ନିଜ ଅଞ୍ଚଳର ପଞ୍ଚାୟତଗୁଡ଼ିକୁ ପର୍ଯ୍ୟାୟକ୍ରମେ ପୋଷ୍ୟ ପଞ୍ଚାୟତ ରୂପେ ଗ୍ରହଣ କରି ଏହାର ସର୍ବାଙ୍ଗୀନ ଉନ୍ନତୀକରଣ ଥିଲା ଉଦ୍ଦେଶ୍ୟ। ଏହାମଧ୍ୟରେ ଯୋଜନାକୁ ୯ ବର୍ଷ ପୂରି ଯାଇଛି। କିନ୍ତୁ ସାଂସଦ ପୋଷ୍ୟ ଗ୍ରାମ୍ୟ ଯୋଜନାରେ ଅନ୍ତର୍ଭୁକ୍ତ ବନ୍ତ ବ୍ଲକର ପୁରୁଷଣ୍ଡ ପଞ୍ଚାୟତ ଅବହେଳିତ। ତତ୍କାଳୀନ ଏମ୍‌ପି ସ୍ୱର୍ଗତ ଅର୍ଜୁନ ଚରଣ ସେଠୀ ପ୍ରଥମ ପର୍ଯ୍ୟାୟରେ ୨୦୧୫ରେ ପୁରୁଷଣ୍ଡ ପଞ୍ଚାୟତକୁ ପ୍ରଥମ ପୋଷ୍ୟ ପଞ୍ଚାୟତ ରୂପେ ଗ୍ରହଣ କରିଥିଲେ। ଆଲୋକୀକରଣ ପାଇଁ ଏମ୍‌ପିଙ୍କ ପାଣ୍ଠିରୁ ୯୦ ଲକ୍ଷ ଟଙ୍କା ପ୍ରଦାନ କରିଥିଲେ। ରକ୍ଷଣାବେକ୍ଷଣ ଅଭାବରୁ ଏବେ ହାତଗଣତି କେତେକ ଖୁଣ୍ଟରେ ଲାଇଟ୍ ଜଳୁଥିବା ବେଳେ ଅଧିକାଂଶ ଅଚଳ ହୋଇପଡ଼ିଛି। ୨୦୧୭ରେ ପଞ୍ଚାୟତ ଭାଗ କରାଯାଇ ବିଟିପୁର ନୂତନ ପଞ୍ଚାୟତ ଗଠନ ହୋଇଛି। ଅବିଭକ୍ତ ପୁରୁଷଣ୍ଡ ପଞ୍ଚାୟତରେ ସ୍ୱାସ୍ଥ୍ୟ, ରାସ୍ତାଘାଟ, ପରିମଳ, ଡ୍ରେନେଜ ବ୍ୟବସ୍ଥା, ପାନୀୟଜଳ ସମସ୍ୟା ଆଦିର ପରିସ୍ଥିତି ଉତ୍କଟ ହୋଇଛି। ବସ୍‌ଷ୍ଟାଣ୍ଡ, ଫାଷ୍ଟଟ୍ରାକ କୋର୍ଟ ପ୍ରମୁଖ ପ୍ରସଙ୍ଗ କାଗଜକଲମରେ ସୀମିତ ରହିଥିବା ବେଳେ ଅଧିକାଂଶ ଗ୍ରାମରେ ଡ୍ରେନେଜ ବ୍ୟବସ୍ଥା କରାଯାଇ ନ ଥିବାରୁ ରାସ୍ତା ଉପରେ ବର୍ଷାପାଣି ଜମି ରହୁଛି।

ସେହିପରି ୨୦୨୦-୨୧ ଆର୍ଥିକ ବର୍ଷରେ ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟଜଳ ଯୋଗାଣ ବିଭାଗ ପକ୍ଷରୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ମାଧ୍ୟମରେ ପଞ୍ଚାୟତ ଭବନ ନିର୍ମାଣ ନିମନ୍ତେ ୪ ବର୍ଷରେ ୨୭ ଲକ୍ଷ ୫୦ ହଜାର ଟଙ୍କା ବ୍ୟୟ ହୋଇଥିଲେ ମଧ୍ୟ ଏହାର ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ। ଆଦର୍ଶ ପଞ୍ଚାୟତରେ କୋଟି କୋଟି ଟଙ୍କାର ମଞ୍ଜୁରୀ ସତ୍ତ୍ୱେ କାର୍ଯ୍ୟ ସମ୍ପୂର୍ଣ୍ଣ ନ ହେବା ବିଭାଗୀୟ ଅଧିକାରୀ ଏବଂ ପଞ୍ଚାୟତରେ ଥିବା ନେତୃତ୍ୱମାନଙ୍କ ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏବେ ରାଜ୍ୟରେ ସରକାର ବଦଳିଛନ୍ତି। ଭଦ୍ରକ ଲୋକ ସଭା ଆସନରେ ପୂର୍ବତନ ଏମ୍‌ପି ସ୍ୱର୍ଗତ ସେଠୀଙ୍କ ପୁଅ ଅଭିମନ୍ୟୁ ସେଠୀ ଏମ୍‌ପି ଅଛନ୍ତି। ଭଣ୍ଡାରିପୋଖରୀ ବିଧାନସଭା ନିର୍ବାଚନମଣ୍ଡଳୀରେ ସଞ୍ଜୀବ ମଲ୍ଲିକ ନୂତନ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ଅଟକିଥିବା ପ୍ରକଳ୍ପଗୁଡ଼ିକ କେବେ ସମ୍ପୂର୍ଣ୍ଣ ହେବ, ତାହାକୁ ପଞ୍ଚାୟତବାସୀ ଅପେକ୍ଷା କରିଛନ୍ତି।

## ସ୍ୱାସ୍ଥ୍ୟସେବା ଶିବିର



ଜିଲାପାଳ ଦିଲୀପ ରାଉତରାଏ ସ୍ୱାସ୍ଥ୍ୟ ସେବା ଶିବିରକୁ ଉଦ୍‌ଘାଟନ କରୁଛନ୍ତି।

ଭଦ୍ରକ,୩୦।୧୧(ସନାତନ ରାଉତ)

ଭଦ୍ରକ ଜିଲା ସ୍କୁଲ ପରିସରରେ ଶନିବାର ଲାଇଭ୍‌ୱେଲ ପକ୍ଷରୁ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ବଳ, ଜିଲା ଶିକ୍ଷାଧିକାରୀ ଅକ୍ରୁର ବାରିକ ଓ ଜିଲା ସ୍କୁଲର ପ୍ରଧାନ ଶିକ୍ଷକ ତାପସ ରଞ୍ଜନ ବେହେରା ଯୋଗଦେଇ ନିଜ ସ୍ୱାସ୍ଥ୍ୟର ଯତ୍ନ ନେବାକୁ ଉପସ୍ଥିତ ଲୋକଙ୍କୁ ପରାମର୍ଶ ଦେଇଥିଲେ। ବରିଷ୍ଠ ଅଭିଜ୍ଞ ଡା. ମନୋରଞ୍ଜନ ପାଣିଗ୍ରାହୀ, ଡା. ବିଶ୍ୱଜିତ ନନ୍ଦ, ଡା. ଦିଲୀପ ମହାନ୍ତି, ଡା. ରାଜେନ୍ଦ୍ର ଶତପଥୀ, ଡା. ଅନୁରାଗ ଜେନା, ଡା. ସମୀର କୁମାର ହୋତା, ଡା. ଦେବାଶିଷ ଜେନା, ଡା. ସଞ୍ଜୟ ଦାସ, ଡା. ଶୁଭଶ୍ରୀ ଅଙ୍କିତା, ଡା. ଗୌରାଙ୍ଗ ଚରଣ ପୃଷ୍ଟି, ଡା. ବୈଦ୍ୟନାଥ ଓଝା, ଡା. ନିଶାନ୍ ଏନ୍ ଦାଶଙ୍କ ସମେତ ୨୫ରୁ ଉର୍ଦ୍ଧ୍ୱ ଡାକ୍ତର ଶିବିରକୁ ଆସିଥିବା ୨ହଜାରରୁ ଉର୍ଦ୍ଧ୍ୱ ରୋଗୀଙ୍କ ଚିକିତ୍ସା କରିଥିଲେ। ଲାଇଭ୍‌ୱେଲ ଡାଇଗ୍ନୋଷ୍ଟିକ୍ ପକ୍ଷରୁ ନିର୍ଦ୍ଦେଶକ ଆଦିତ୍ୟ ନାରାୟଣ ମହାନ୍ତି ଏବଂ ଶୈବାଳିନୀ ଦାସ ଶିବିର ପରିଚାଳନା କରିଥିଲେ।

## ପାଟିକା ସହାୟିକା ସଂଘର ବିକ୍ଷୋଭ

ଭଦ୍ରକ,୩୦।୧୧(ସନାତନ ରାଉତ)




ପାଟିକା ସହାୟିକା ସଂଘ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ପାଟିକା ସହାୟିକା ସଂଘ ପକ୍ଷରୁ ୯ ଦଫା ଦାବିରେ ଶନିବାର ଭଦ୍ରକ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଶତାଧିକ ପାଟିକା ସହାୟିକା ବନ୍ତଛକଠାରୁ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ପଥପ୍ରାନ୍ତ ସଭା ଓ ବିକ୍ଷୋଭ ପ୍ରଦର୍ଶନ ପରେ ଭାରତୀୟ ମଜଦୁର ସଂଘର ଜିଲା ସଭାପତି ମନୋଜ ବସନ୍ତରାୟଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲା ପ୍ରଶାସନକୁ ଦାବିପତ୍ର ପ୍ରଦାନ କରିଛନ୍ତି।

ପାଟିକା ସହାୟିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ମାସିକ ବେତନ ୨୮ ହଜାର ଟଙ୍କା, ସାମାଜିକ ସୁରକ୍ଷା ଅନ୍ତର୍ଭୁକ୍ତ କରିବା, କାର୍ଯ୍ୟରତ ସମୟରେ ମୃତ୍ୟୁ ଘଟିଲେ ସହାୟତା ରାଶି ୧୦ ଲକ୍ଷ ଟଙ୍କା ପ୍ରଦାନ, ଅବସର ପରେ ମାସିକ ଭତ୍ତା ୫ ହଜାର ଟଙ୍କା ଲେଖାଏ ପ୍ରଦାନ ପାଇଁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସଂଘର ଜିଲା ନେତ୍ରୀ ସସ୍ମିତା ନାୟକ, ମମତା ବାରିକ, ନିରୂପମା ଗିରି, ଶ୍ରୀମତୀ ପଣ୍ଡା, ଶକୁନ୍ତଳା ମହାପାତ୍ର, ଅନୁସୟା ଦାସ, ହୀରାମଣି ମଲ୍ଲିକ, କନକ ମଲ୍ଲିକ, ଶତ୍ରୁଘ୍ନ ମଲ୍ଲିକ, ବିପ୍ର ଚରଣ ସେଠୀ, ବିଭୂତି ପାଣିଗ୍ରାହୀ ପ୍ରମୁଖ ଏଥିରେ ସାମିଲ ଥିଲେ।

## ଦିବ୍ୟାଙ୍ଗ ସଶକ୍ତୀକରଣରେ ରାଜ୍ୟରେ ପ୍ରଥମ ଭଦ୍ରକ

ଭଦ୍ରକ,୩୦।୧୧(ସନାତନ ରାଉତ)

ସାମାଜିକ ସୁରକ୍ଷା ବିଭାଗ ଜରିଆରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା କ୍ଷେତ୍ରରେ ସଫଳ ଜିଲା ଭାବେ ୨୦୨୪ ବର୍ଷ ପାଇଁ ଭଦ୍ରକ ରାଜ୍ୟରେ ପ୍ରଥମ ସ୍ଥାନ ଅଧିକାର କରିଛି। ଏନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଡିସେମ୍ବର ୩ରେ ଅନ୍ତର୍ଜାତୀୟ ଭିନ୍ନକ୍ଷମ ଦିବସ ପାଳନ ଅବସରରେ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଜିଲାପାଳ ଏହି ପୁରସ୍କାର ଗ୍ରହଣ କରିବେ। ପ୍ରକାଶଥାଉ କି, ଭଦ୍ରକ, ବାଲେଶ୍ୱର,କେନ୍ଦ୍ରାପଡ଼ା ଓ ଯାଜପୁର ୪ ଜିଲା ପାଇଁ ୨୦୨୧ ମସିହାରୁ ଦିବ୍ୟାଙ୍ଗମାନଙ୍କ ଲାଗି ଆବଶ୍ୟକ ଉପକରଣ ପ୍ରସ୍ତୁତି ଓ ପ୍ରଦାନ କ୍ଷେତ୍ରରେ କାର୍ଯ୍ୟ କରି ଆସୁଥିବା ଭଦ୍ରକ ଜିଲାର ପୁନର୍ବାସ କେନ୍ଦ୍ର ମଧ୍ୟ ରାଜ୍ୟସ୍ତରରେ ପ୍ରଥମ ହେବାର ଗୌରବ ଅର୍ଜନ କରିଛି। ଏହି କେନ୍ଦ୍ର ନିର୍ଦ୍ଦେଶକ ଭଗବାନ ପରିଡ଼ା ଉକ୍ତ କାର୍ଯ୍ୟକ୍ରମରେ ପୁରସ୍କାର ଗ୍ରହଣ କରିବେ।

## ଅଧ୍ୟାପକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବିଦାୟୀ ଅଧ୍ୟାପକ ଅମରେନ୍ଦ୍ର ପଣ୍ଡାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଧୂଷୁରୀ,୩୦।୧୧(ଦୀପ୍ତି ରଞ୍ଜନ ନାୟକ)

ଧାମନଗର ବ୍ଲକର ପାଳସାହି ଆଖଣ୍ଡଳମଣି ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଅମରେନ୍ଦ୍ର ପଣ୍ଡାଙ୍କୁ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ କଲେଜ ପରିସରରେ ଅଧ୍ୟକ୍ଷ ନୀହାର ରଞ୍ଜନ କରଙ୍କ ସଭାପତିତ୍ୱରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ପୂର୍ବତନ ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ହୋତା, ଅବସରପ୍ରାପ୍ତ ଅଧ୍ୟାପକ ବିଜୟ ପରିଡ଼ା, ତ୍ରିଲୋଚନ ଦାସ, ମାଧବାନନ୍ଦ ଜେନା, ବାବାମଣି ମହାବିଦ୍ୟାଳୟ ଅଧ୍ୟାପକ ନିକୁଞ୍ଜ କିଶୋର ଜେନା, ବିଜୟ କୁମାର ଦାଶ, ପ୍ରଶାନ୍ତ ନାୟକ, ଶିକ୍ଷାବିତ୍ ସୁଶାନ୍ତ କୁମାର ନାୟକ, ମୃତ୍ୟୁଞ୍ଜୟ ସାହୁ, ବ୍ରଜେନ୍ଦ୍ର ମହାନ୍ତି, ସନ୍ତୋଷ କୁମାର ଦାସ, ରତିକାନ୍ତ ନାୟକ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଅନୀଲ କୁମାର ରାଉତ, ଅବସରପ୍ରାପ୍ତ ଶିକ୍ଷା କର୍ମଚାରୀ ଦୁଃଶାସନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଅମରେନ୍ଦ୍ର ସାର୍ ଜଣେ ସ୍ନେହୀ, ସ୍ୱାଭିମାନୀ ଓ ଛାତ୍ରବତ୍ସଳ ଅଧ୍ୟାପକ। ଦୀର୍ଘ ୩୫ ବର୍ଷ ଧରି ସେ ଉକ୍ତ ଶିକ୍ଷାନୁଷ୍ଠାନରେ ଶିକ୍ଷାଦାନ କରିଥିଲେ ବି ସରକାରୀ ଅନୁଦାନ ନ ପାଇ ଅବସର ନେଇଛନ୍ତି। ତାଙ୍କ ତ୍ୟାଗ, ତପସ୍ୟା ଓ ନିସ୍ୱାର୍ଥପରତାର ଅବସାନ ହୋଇଥିଲେ ବି ତାହା କେବେ ବ୍ୟର୍ଥ ଯିବ ନାହିଁ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦାୟୀ ଅଧ୍ୟାପକଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସମସ୍ତ ଅଧ୍ୟାପିକା ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ବିନା ଲାଇସେନ୍ସରେ ଚାଲିଛି କରତକଳ

ଧାମନଗର,୩୦।୧୦(ଦେବେନ୍ଦ୍ର ଆଢ଼ିଆ/ ସନ୍ତୋଷ କୁମାର ମହାପାତ୍ର)



**ବନ ବିଭାଗ, ଭିଜିଲାନ୍ସ ଟିମ୍‌ର ଚଢ଼ାଉ**

ଧାମନଗର ବ୍ଲକରେ ଛତୁ ଫୁଟିଲା ଭଳି ବେଆଇନ ତଥା ବିନା ଲାଇସେନ୍ସରେ କରତକଳ ଚାଲିଛି। ଏପରିକି ବନ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର କେଇ ମିଟର ଦୂରରେ ବେଆଇନ କରତକଳ ବର୍ଷ ବର୍ଷ ଧରି ଚାଲିଥିବା ବାରମ୍ବାର ଅଭିଯୋଗ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନ ଥିଲା। ଶନିବାର ଧାମନଗର ବନଖଣ୍ଡ ଅଧୀନ ୨ଟି ସ୍ଥାନରେ ଚାଲିଥିବା ବେଆଇନ କରତକଳରେ ବନ ବିଭାଗ ଓ ଭିଜିଲାନ୍ସ ଟିମ୍ ପକ୍ଷରୁ ମିଳିତ ଚଢ଼ାଉ କରାଯାଇଛି। ଚଢ଼ାଉ ବେଳେ ଲକ୍ଷାଧିକ ଟଙ୍କାର ଯନ୍ତ୍ରାଂଶ ସହ ୨୭୯ ସିଫ୍ଟ ମୂଲ୍ୟବାନ କାଠ ଜବତ ହୋଇଛି। ଏହାର ମୂଲ୍ୟ ୫ଲକ୍ଷର ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଧାମନଗର ଏନ୍‌ଏସି ଅଧୀନ ମୁଳଣାସାହିଠାରେ ବିନା ଲାଇସେନ୍ସରେ ଚାଲିଥିବା କରତ କଳରେ ବନ ବିଭାଗ ଓ ଭିଜିଲାନ୍ସ ଟିମ୍ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଚଢ଼ାଉ ବେଳେ ଉକ୍ତ କରତକଳର ସମସ୍ତ ଯନ୍ତ୍ରାଂଶ କାଟି ନେଇଛି ଭିଜିଲାନ୍ସ ଟିମ୍। ଏହାସହ ପ୍ରାୟ ୩ଲକ୍ଷ ଟଙ୍କାର କାଠ ଜବତ ହୋଇଛି। ସେହିପରି ହବିବନଗରରେ ଚାଲିଥିବା ବେଆଇନ କରତକଳରେ ମଧ୍ୟ ଚଢ଼ାଉ କରାଯାଇଥିବା ବେଳେ ଲକ୍ଷାଧିକ ଟଙ୍କାର କାଠ ଜବତ କରାଯାଇଛି। ୨ କରତକଳର ମାଲିକଙ୍କ ବିରୋଧରେ ୨ଟି ମାମଲା ରୁଜୁ କରାଯାଇଛି। ସେହିପରି ଧାମନଗର ଛକଠାରେ ଏକ ବେଆଇନ କରତକଳ ଖୁଲମଖୋଲା ଚାଲୁଛି। ବନ ବିଭାଗ କର୍ମଚାରୀମାନେ ସବୁଦିନ ସେହି ରାସ୍ତାରେ ଯାଉଥିଲେ ମଧ୍ୟ କାହାରି ନଜର ପଡୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରୁଛନ୍ତି। ବାରିକପୁର ନିକଟ କେନ୍ଦୁଆପଦାଠାରେ ସରକାରୀ ଲାଇସେନ୍ସପ୍ରାପ୍ତ କରତକଳ ସବୁ ରହିଛି। ଧାମନଗରରୁ ପ୍ରାୟ ୧୨ କିଲୋମିଟର ହେଉଥିବାରୁ ଏହାର ସୁଯୋଗ ନେଇ ଧାମନଗର ଅଞ୍ଚଳରେ ବେଆଇନ ଭାବେ କରତକଳ ଗଢ଼ି ଉଠିଛି। ଧାମନଗର ଅଞ୍ଚଳରେ ବେଆଇନ କରତକଳ ଚାଲୁଥିବା ଅଭିଯୋଗ ହୋଇ ଆସୁଥିଲା। ଧାମନଗର ବନ ବିଭାଗ କାର୍ଯ୍ୟାଳୟରୁ ମାତ୍ର ୧ କି.ମି. ଦୂରତାରେ ୨ଟି ବେଆଇନ ସ'ମିଲ୍ ଚାଲୁଥିବା ଖବର ପାଇ ଭଦ୍ରକ ଭିଜିଲାନ୍ସ ଅଧିକାରୀ ଦୁଷ୍ମନ୍ତ କୁମାର ନାୟକ, କଟକର ଏସିଏଫ୍ ରଜନୀକାନ୍ତ ମହାନ୍ତି, ଭଦ୍ରକ ଜିଲା ଏସିଏଫ୍ ସୁମିତ ମହାନ୍ତି, ବାଲେଶ୍ୱର ଜିଲା ଏସିଏଫ୍ ତପନ ପରିଡ଼ା ପ୍ରମୁଖଙ୍କ ନେତୃତ୍ୱରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ଧାମନଗର ବନଖଣ୍ଡ ଅଧିକାରିଣୀ ସୁଷମା ସାହୁ ଉପସ୍ଥିତ ଥିଲେ।

## ବାଇକ୍ ଭାଙ୍ଗିଦେଲା ହାତୀ

ଚମ୍ପୁଆ,(ମହେଶ୍ୱର ଦାସ): କେନ୍ଦୁଝର ଚମ୍ପୁଆ ରେଞ୍ଜରେ ଶନିବାର ସନ୍ଧ୍ୟାରେ ଜାମୁଦଲକ ଜଙ୍ଗଲ ରାସ୍ତାରେ ଜଣଙ୍କ ବାଇକକୁ ହାତୀ ଦଳି ଭାଙ୍ଗି ଦେଇଛନ୍ତି। ରବିନ୍ଦ୍ର ମହାନ୍ତ ବାଇକ ଯୋଗେ ଜାମୁଦଲକ ନିଜ ଗ୍ରାମକୁ ଫେରୁଥିବା ବେଳେ ଗୋଠ ଖଣ୍ଡିଆ ଦନ୍ତା ହାବୁଡ଼ରେ ପଡ଼ିଥିଲେ। ହାତୀ ଆକ୍ରମଣ କରିବାକୁ ଉଦ୍ୟମକରିବାରୁ ସେ ବାଇକ ଛାଡି ପଳାଇଥିଲେ। ଫଳରେ ହାତୀଟି ବାଇକକୁ ଗୋଡ଼ରେ ମାରି ଭାଙ୍ଗିଦେବା ସହିତ ଗାଡି ପାଖରେ ଜଗି ରହିଥିଲା। ଗ୍ରାମବାସୀ ପହଞ୍ଚି ପାଟି କରିବାରୁ ହାତୀ ପଳାଇଥିଲା।

**କେନ୍ଦୁଝର**

# ୩ ଦିନରେ ଅର୍ଥ ଜମା ନ କଲେ ମାମଲା

**କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରୁ ଅଧିକ ଗଛକଟା ଘଟଣା**

କେନ୍ଦୁଝର,୩୦।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଚମ୍ପୁଆ ରେଞ୍ଜ ଅନ୍ତର୍ଗତ କାଳିକାପ୍ରସାଦ ସଂରକ୍ଷିତ ଜଙ୍ଗଲରେ ଅନୁମତିଠାରୁ ଅଧିକ ଗଛକଟାକୁ ନେଇ ବନ ବିଭାଗ କୃଷ୍ଣପୁର ବନ ସୁରକ୍ଷା ସମିତିର ସଭାପତିଙ୍କୁ ନୋଟିସ୍ କରିଛି। ଗଛ କଟା ବାବଦକୁ ଆଦାୟ ହୋଇଥିବା ଅର୍ଥ ୩ ଦିନ ମଧ୍ୟରେ ସମିତି ଖାତାରେ ଜମାକରିବାକୁ ଆଦେଶ ହୋଇଛି। ନ ଚେତ୍ ଆଇନ ଅନୁଯାୟୀ ମାମଲା ରୁଜୁ ହେବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

ସୂଚନା ଅନୁଯାୟୀ, ବନ ବିଭାଗ ୨୫୦୫ ୟୁକାଲିପଟାସ ଗଛ କଟିବା ପାଇଁ କୃଷ୍ଣପୁର ବନ ସୁରକ୍ଷା ସମିତିକୁ ଅନୁମତି ଦେଇଥିଲା। ଅନୁମତିଠାରୁ ଅଧିକ ଗଛ କଟାଯାଇଥିବା ନେଇ ଗ୍ରାମବାସୀ ବାରମ୍ବାର ଅଭିଯୋଗ ଓ ଦାବି କରିବା ପରେ ଡିଏଫ୍ଓ ତଦନ୍ତ ଆଦେଶ କରିଥିଲେ। ଗଛ ଗଣନା ବେଳେ ଅଧିକ ଗଛ କଟାଯାଇଥିବା ଜଣାପଡ଼ିଥିଲା। ଏବଂ ଅଧାରୁ ଗଛ ଗଣନା ବନ୍ଦ କରିବା ସହ ଗଛ ବାବଦକୁ ଆଦାୟ ଟଙ୍କା ସଦସ୍ୟମାନେ ସମିତିର ଜମାଖାତାରେ ଜମା ନ କରି ବ୍ୟକ୍ତିଗତ ଜମା ଖାତାରେ ଜମା କରିଥିବା ନେଇ ଗ୍ରାମବାସୀ ଅଭିଯୋଗ କରିଥିଲେ। ଏହାକୁ ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ମଧ୍ୟ ତଦନ୍ତ ଆଦେଶ କରିଥିଲେ। ଘଟଣାରେ ବନ ବିଭାଗ ବନ ସୁରକ୍ଷା ସମିତିର ସଭାପତି ରଞ୍ଜନଙ୍କ ସମେତ ୧୩ ଜଣଙ୍କ ନାମରେ ମାମଲା ରୁଜୁ କରି ଅଭିଯୋଗର ତଦନ୍ତ କରିଥିଲା। ତଦନ୍ତ ବେଳେ ଗଛ କଟା ବାବଦକୁ ଆଦାୟ ୩୦ ଲକ୍ଷ ୬୫ ହଜାର ଟଙ୍କା କୃଷ୍ଣପୁର ବନ ସୁରକ୍ଷା ସମିତିର ବ୍ୟାଙ୍କ ଆକାଉଣ୍ଟରେ ଜମା ହୋଇ ନ ଥିବା ଜଣାପଡ଼ିଥିଲା। ଉକ୍ତ ଟଙ୍କା ୩ ଦିନ ମଧ୍ୟରେ କୃଷ୍ଣପୁର ବନ ସୁରକ୍ଷା ସମିତି ଆକାଉଣ୍ଟରେ ଜମା କରିବାକୁ ଚମ୍ପୁଆ ରେଞ୍ଜ ଅଫିସର ଦାୟିତ୍ୱରେ ଥିବା ଏସିଏଫ୍ ଅକ୍ଷୟ ଛତ୍ରିଆ ଚିଠି (ନଂ. ୩୩୮/୨୮) ଭିଏସଏସ୍ ସଭାପତିଙ୍କୁ ଚିଠି କରିଛନ୍ତି। ଅର୍ଥ ୩ ଦିନ ମଧ୍ୟରେ ଜମା ନ କଲେ ପୋଲିସ ଥାନାରେ ଅର୍ଥ ହଡ଼ପ ମାମଲା ରୁଜୁ କରାଯିବ ବୋଲି ଜଣାଇଛନ୍ତି।

# ଲାଇଟ୍ ଖୁଣ୍ଟକୁ ଘୋଷାଡ଼ିନେଲା ଟ୍ରେଲର


ଖୁଣ୍ଟକୁ ଧକ୍କା ଦେଇଥିବା ଟ୍ରେଲର।

ଯୋଡ଼ା,୩୦।୧୧(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ଥାନାଠାରୁ ଅନତି ଦୂର ୫୨୦ ନଂ. ଜାତୀୟ ରାଜପଥର ରଣାଶାଳ ନିକଟସ୍ଥ ପେଟ୍ରୋଲ ପମ୍ପ ନିକଟରେ ଏକ ଟ୍ରେଲର ୨ ଲାଇଟ୍ ଖୁଣ୍ଟକୁ ଧକ୍କା ଦେଇ ଭାଙ୍ଗିଦେଇଛି। ଟ୍ରେଲର ଖୁଣ୍ଟକୁ ଧକ୍କା ଦେଇ କିଛି ବାଟ ଘୋଷାଡ଼ି ନେଇଥିଲା। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ଶନିବାର ଅପରାହ୍ନ ପ୍ରାୟ ୩ଟା ସମୟରେ ଟ୍ରେଲର (ନଂ. ଜେଏଚ ୦୫ ୨୭୨୭) ରିମୁଳି ଅଭିମୁଖେ ଯାଉଥିଲା। ପେଟ୍ରୋଲ ପମ୍ପ ନିକଟ ରାଜପଥରେ ଲାଗିଥିବା ୨ଟି ଲାଇଟ୍ ଖୁଣ୍ଟକୁ ଧକ୍କା ଦେଇ କିଛି ଦୂର ଘୋଷାଡ଼ି ନେଇଥିଲା। ଡ୍ରାଇଭର ବର୍ତ୍ତି ଯାଇଥିଲେ ହେଁ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଦୁର୍ଘଟଣାରେ ରାଜପଥର ଲାଇଟ୍ ଖୁଣ୍ଟ, ୨ ସିଗ୍ନାଲ ଲାଇଟ୍‌କୁ ନଷ୍ଟ ହୋଇଯାଇଛି। କିଛି ସମୟ ପାଇଁ ରାଜପଥରେ ଟ୍ରାଫିକ ସମସ୍ୟା ଉପୁଜିଥିଲା। ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରେଲରକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ, ରାଜପଥରେ ନିୟମ ଉଲ୍ଲଂଘନ କରି ଦ୍ରୁତଗତିରେ ଟ୍ରକ୍ ଚାଳନା, ରାଜପଥ କଡ଼ରେ ବେଆଇନ ପାର୍କିଂ କରିବା ପ୍ରଭୃତି କାରଣରୁ ଅନେକ ସମୟରେ ଟ୍ରାଫିକ ସମସ୍ୟା ଉପୁଜୁଛି। ଏଥିସହିତ ଦୁର୍ଘଟଣା ବୃଦ୍ଧି ପାଇ ଧନଜୀବନ ହାନି ହେଉଛି। ଏଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୨୧ ଗ୍ରାମ ବ୍ରାଉନସୁଗାର ଜବତ, ୩ ଗିରଫ

କେନ୍ଦୁଝର,୩୦।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଟାଉନ ଥାନା ଅନ୍ତର୍ଗତ ଘୁଟୁରୁ ରେଲୱେ ଓଭରବ୍ରିଜ ତଳୁ ବ୍ରାଉନସୁଗାର ବିକ୍ରି ବେଳେ ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ପଶ୍ଚିମବଙ୍ଗ ନଦିଆ ଅଞ୍ଚଳର ଦେବାଶିଷ ବିଶ୍ୱାସ(୨୨), କେନ୍ଦୁଝର ଘଟଗାଁ ଅଞ୍ଚଳର ବାସୁଦେବ ତ୍ରିପାଠୀ((୫୮), ଭଦ୍ରକ ଜିଲା ଆଗରପଡ଼ା ଅଞ୍ଚଳର ଚନ୍ଦ୍ରମଣି ସାହୁ(୩୫) ବୋଲି ଜଣାପଡ଼ିଛି। ସେମାନଙ୍କଠାରୁ ୨୧ ଗ୍ରାମ ବ୍ରାଉନସୁଗାର, ଗୋଟି ହୋଣ୍ଡା ଆକ୍ଟିଭା ସ୍କୁଟି, ୫ଟି ମୋବାଇଲ ଫୋନ ଏବଂ ନଗଦ ଟଙ୍କା ଜବତ ହୋଇଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଅଞ୍ଚଳରେ ବ୍ରାଉନସୁଗାର ବିକ୍ରି ନେଇ ଅଭିଯୋଗ ହେଉଥିଲା। ଏ ନେଇ ପୋଲିସର ତଦନ୍ତ ଜାରି ରହିଥିଲା। ଶନିବାର ପୂର୍ବାହ୍ନ ୧୧ଟା ସମୟରେ ଘୁଟୁରୁ ରେଲୱେ ଓଭରବ୍ରିଜ ତଳେ ବ୍ରାଉନସୁଗାର ବିକ୍ରି ହେଉଥିବା ପୋଲିସ ସୂଚନା ପାଇଥିଲା। କେନ୍ଦୁଝର ଟାଉନ ଥାନା ଅଧିକାରୀ ଶ୍ରୀକାନ୍ତ ସାହୁଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରିଥିଲା। ଟିମ୍ ଘଟଣାସ୍ଥଳରୁ ୩ ଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ବ୍ରାଉନସୁଗାର ଜବତ କରିଥିଲା। ଜେରା ବେଳେ ସେମାନେ ସ୍କୁଟିରେ ବ୍ରାଉନସୁଗାର କୋଲକାତାରୁ ଆଣି କେନ୍ଦୁଝର ସହର ଏବଂ ଆଖପାଖ ଅଞ୍ଚଳରେ ଦୀର୍ଘ ୧ ବର୍ଷରୁ ଅଧିକ ସମୟ ହେବ ବିକ୍ରି କରୁଥିବା କହିଥିଲେ। ଟାଉନ ପୋଲିସ ଏକ ମାମଲା (ନଂ. ୫୯୦/୨୦୨୪)ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

# ଦନ୍ତା ଆକ୍ରମଣରେ ମାଖନା ହାତୀର ମୃତ୍ୟୁ

**ଧାନକ୍ଷେତରୁ କ୍ଷତ ବିକ୍ଷତ ମୃତଦେହ ଜବତ**

କେନ୍ଦୁଝର,୩୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)


କ୍ଷେତରେ ପଡ଼ିଥିବା ମାଖନା ହାତୀର ମୃତଦେହ।

କେନ୍ଦୁଝର ବନଖଣ୍ଡ ତେଲକୋଇ ବନାଞ୍ଚଳ ଖୁଣ୍ଟାପଡ଼ା ପଞ୍ଚାୟତ କନ୍ତଲେଇ ଦାଡ଼ିଆ ସାହିର ଏକ ଧାନ କ୍ଷେତରୁ ଶନିବାର ଏକ ମାଖନା ହାତୀର କ୍ଷତବିକ୍ଷତ ମୃତଦେହ ଠାବ ହୋଇଛି। ବନ ବିଭାଗ ମୃତଦେହ ଜବତକରି ଡାକ୍ତରୀ ଟିମ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ମୃତହାତୀଟି ୧୦ ବର୍ଷର ହୋଇଥିବା ବେଳେ ମାଖନା ହାତୀ (ଦାନ୍ତ ନ ଥିବା ଅଣ୍ଡିରା ହାତୀ) ବୋଲି ଜଣାପଡ଼ିଛି। ହାତୀ ୫୪ ଟିକିଆ ପଲରେ ରହୁଥିବା ବେଳେ ଦନ୍ତା ଆକ୍ରମଣରେ ମୃତ୍ୟୁ ହୋଇଥିବା ଡିଏଫ୍ଓ ଧନ୍‌ରାଜ ଏଚ୍‌ଡି ସୂଚନା ଦେଇଛନ୍ତି। ସୂଚନା ଅନୁଯାୟୀ, ରେଞ୍ଜରେ ବୁଲୁଥିବା ୫୪ ଟିକିଆ ହାତୀପଲ କନ୍ତଲେଇ ଗ୍ରାମରେ ଶୁକ୍ରବାର ବିଳମ୍ବିତ ରାତିରେ ପ୍ରବେଶ କରି ବ୍ୟାପକ ଧାନ ଫସଲ ନଷ୍ଟ କରିଥିଲେ। ସ୍ଥାନୀୟ ଚାଷୀ ହାତୀ ଘଉଡ଼ାଇବାକୁ ଉଦ୍ୟମ କରିଥିଲେ। ମାତ୍ର ରାତି ପ୍ରାୟ ୨ ଘଟିକାରୁ ୩ ଘଟିକା ସମୟରେ ହାତୀପଲ ବିକଟାଳ ଗର୍ଜନ କରିଥିଲେ। ଏପରିକି ପାଖାପାଖି ଘଣ୍ଟାଏ କାଳ ହାତୀଙ୍କ ଉତ୍ପାତ ଜାରି ରହିଥିଲା। ଲୋକେ ଭୟରେ ଚାଷ ଜମି ଛାଡ଼ି ଘରକୁ ପଳାଇ ଆସିଥିଲେ। ଶନିବାର ସକାଳେ ଯାଇ ବିଲ ଭିତରେ ଏକ ହାତୀ କ୍ଷତ ବିକ୍ଷତ ଅବସ୍ଥାରେ ପଡ଼ିଥିବା ଦେଖି ବନ ବିଭାଗକୁ ଖବର ଦେଇଥିଲେ। ଖବର ପାଇ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ହାତୀଟିର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ପରେ କେନ୍ଦୁଝର ବନଖଣ୍ଡ ଅଧିକାରୀ ଏଚ୍‌ଡି ଧନ୍‌ରାଜ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତକରି ପ୍ରାଣୀ ବିଶେଷଜ୍ଞଙ୍କ ସହାୟତାରେ ବ୍ୟବଚ୍ଛେଦ କରାଇ ପ୍ରାଥମିକ ତଦନ୍ତ ଆରମ୍ଭ କରିଛନ୍ତି। ଦନ୍ତା ହାତୀ ଆକ୍ରମଣରେ ହାତୀର ମୃତ୍ୟୁ ହୋଇଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ବୋଲି ବନଖଣ୍ଡ ଅଧିକାରୀ ଶିବାଜୀ ମୋହନ ରାଓ ପ୍ରକାଶ କରିଛନ୍ତି।

# କେନ୍ଦୁଝରରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ

**ସ୍ୱାସ୍ଥ୍ୟ ବିଭାଗକୁ ଏନ୍‌ଏଚ୍‌ଆର୍‌ସିଙ୍କ ନୋଟିସ୍**

କେନ୍ଦୁଝର,୩୦।୧୧(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ସ୍ୱାସ୍ଥ୍ୟସେବାରେ ବିପର୍ଯ୍ୟସ୍ତ ନେଇ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ବିସ୍ତୃତ ରିପୋର୍ଟ ଦାଖଲ କରିବାକୁ ଜାତୀୟ ମାନବାଧିକାର ଆୟୋଗ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରମୁଖ ସଚିବଙ୍କୁ ନୋଟିସ୍ ଜାରି କରିଛନ୍ତି। ସୂଚନା ଅଧିକାର କର୍ମୀ ରାଧାକାନ୍ତ ତ୍ରିପାଠୀଙ୍କ ଆବେଦନକ୍ରମେ ସୁପ୍ରିମ ମାନବାଧିକାର ପ୍ୟାନେଲ ଏହି ନିର୍ଦ୍ଦେଶ ଦେଇଛନ୍ତି।

କେନ୍ଦୁଝର ଜିଲା ସଦର ମହକୁମାରେ ଥିବା ମେଡିକାଲ କଲେଜ ଓ ହସ୍ପିଟାଲରେ ଉପଯୁକ୍ତ ଯତ୍ନ ଓ ଚିକିତ୍ସାରେ ଅଭାବ ଦେଖାଯାଇଛି। ଫଳରେ ଡେଙ୍ଗୁରେ ରୋଗୀ ପ୍ରାଣ ହରାଉଥିବା ଆବେଦନକାରୀ ଉଲ୍ଲେଖ କରିଥିଲେ। ପିଟିସନରେ ୨ ସେପ୍ଟେମ୍ବର ୨୦୨୪ରେ ପ୍ରାୟ ୩୭ ବର୍ଷୀୟ ବିରି ବିଶ୍ୱକର୍ମା ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ସମ୍ପର୍କରେ ପ୍ରକାଶିତ ଖବରକୁ ସାମିଲ କରାଯାଇଥିଲା। ଜିଲାରେ ଗୋଟିଏ ମେଡିକାଲ କଲେଜ, ସୁପର ସ୍ପେସାଲିଷ୍ଟ ଡାକ୍ତରଖାନା ଥିଲେ ମଧ୍ୟ ଅଧିକାଂଶ ରୋଗୀ ଉପଯୁକ୍ତ ଚିକିତ୍ସା ନ ପାଇ ମୃତ୍ୟୁବରଣ କରୁଛନ୍ତି। ଜିଲାବାସିନ୍ଦାଙ୍କ ସ୍ୱାସ୍ଥ୍ୟ ଓ ଜୀବନର ସୁରକ୍ଷା ପାଇଁ ପ୍ରତିକାରମୂଳକ ପଦକ୍ଷେପ ନେବାପାଇଁ କମିଶନଙ୍କ ହସ୍ତକ୍ଷେପ ପାଇଁ ଅଭିଯୋଗକାରୀ ଅନୁରୋଧ କରିଛନ୍ତି। ସୁପ୍ରିମକୋର୍ଟ ତାଙ୍କ ରାୟରେ ସ୍ପଷ୍ଟ ଭାବେ ଦର୍ଶାଇଛନ୍ତି, ସ୍ୱାସ୍ଥ୍ୟ ଅଧିକାର ସମ୍ବିଧାନରେ ଥିବା ମୌଳିକ ଜୀବନ ଅଧିକାର (ଧାରା ୨୧)ର ଏକ ଅଂଶ। ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ସୁନିଶ୍ଚିତ କରିବା ସହ ୪ ସପ୍ତାହ ମଧ୍ୟରେ କମିସନଙ୍କ ନିକଟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ସୂଚନା ଓ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ପାଇଁ ଓଡ଼ିଶାର ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶର ନକଲ ମଧ୍ୟ ପ୍ରଦାନ କରାଯାଇଛି।

# ଉସୁ କ୍ରୀଡ଼ାରେ ୫ ପଦକ

**ଜାତୀୟ ସ୍କୁଲ କ୍ରୀଡ଼ାରେ ଚମକିଲେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲ କ୍ରୀଡ଼ାବିତ୍**

କେନ୍ଦୁଝର,୩୦।୧୧
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତ୍ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଜମ୍ମୁରେ ୨୨ରୁ ୨୭ ନଭେମ୍ବର ଯାଏ ଚାଲିଥିବା ୬୮ତମ ଜାତୀୟ ସ୍କୁଲ କ୍ରୀଡ଼ା ପ୍ରତିଯୋଗିତାରେ ବିଭିନ୍ନ ଓଜନ ବର୍ଗର ଉସୁ କ୍ରୀଡ଼ାରେ ୫ଟି ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ଏଥିରେ ୪୦ କେଜି ବର୍ଗରେ ରାଜେଶ ନାଗ ସ୍ୱର୍ଣ୍ଣ, ୪୫ କେଜି ବର୍ଗରେ ମଦନ ମୁଣ୍ଡା, ୪୮ କେଜି ବର୍ଗରେ ରମେଶ ମୁଣ୍ଡା, ୩୬ କେଜି ବର୍ଗରେ ମାଳିନୀ ମୁଣ୍ଡାଙ୍କୁ ରୌପ୍ୟ ଏବଂ ୫୨ କେଜି ବର୍ଗରେ ପରବିଲ ମୁଣ୍ଡା କାଂସ୍ୟ ପଦକ ଜିତିଛନ୍ତି। ଏହି ଚମତ୍କାର ବିଜୟରେ ଜିନ୍ଦଲ ଫାଉଣ୍ଡେଶନର ଚେୟାରପର୍ସନ ଶାଲୁ ଜିନ୍ଦଲ କହିଛନ୍ତି, ଜିନ୍ଦଲ ସ୍ପୋର୍ଟସ ହଷ୍ଟେଲର କ୍ରୀଡ଼ାବିତ୍‌ଙ୍କ ଏହି ବିଜୟରେ ଆମେ ଅତ୍ୟନ୍ତ ଗୌରବାନ୍ୱିତ। ଏହି ସଫଳତାରେ ସେମାନଙ୍କ କଠିନ ପରିଶ୍ରମ ଓ ନିଷ୍ଠା ପ୍ରତିଫଳିତ ହେଉଛି। ଓଡ଼ିଶା ଷ୍ଟେଟ୍ ଉସୁ ଆସୋସିଏଶନ ସହ ଏକ ମଜଭୁତ ସହବନ୍ଧନ ପ୍ରତିଷ୍ଠା କରି କେନ୍ଦୁଝରରେ ଉସୁ ଓ କିକ୍‌ବକ୍ସିଂକୁ ଆଗକୁ ନେବାରେ ଜିନ୍ଦଲ ଫାଉଣ୍ଡେଶନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଫାଉଣ୍ଡେଶନର ପ୍ରୋତ୍ସାହନରେ ଯୋଡ଼ା ଓ ବଡ଼ବିଲ ଅଞ୍ଚଳର ଅନେକ କ୍ରୀଡ଼ା ପ୍ରତିଭା ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ମେଡାଲ ଜିତି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି।

# ସରକାରୀ କର୍ମଚାରୀଙ୍କୁ ୨ ଥର ଦରମା ପ୍ରଦାନ

**ସୁଧ, ମୂଳ ସହ ଆଦାୟ କରିବାକୁ ଦାବି**

କେନ୍ଦୁଝର/ହାଟଡିହୀ,୩୦।୧୧ (ନରେଶ ଚନ୍ଦ୍ର ପଟ୍ଟନାୟକ/ ଶୁଭକାନ୍ତ ନାୟକ)

କେନ୍ଦୁଝର ଡିଏମ୍ଏଫ ଅର୍ଥ ଖର୍ଚ୍ଚକୁ ନେଇ ଦିନକୁଦିନ ଅଭିଯୋଗ ବଢ଼ିଚାଲିଛି। ଗୋଟେ ପରେ ଗୋଟେ ଦୁର୍ନୀତି ଏବଂ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ନିୟମ ଅନୁସାରେ ଜଣେ ସରକାରୀ କର୍ମଚାରୀଙ୍କୁ ଏକକାଳୀନ ୨ ଥର ଦରମା ମିଳିପାରିବନି। କିନ୍ତୁ ଡିଏମ୍ଏଫ୍ ଫଣ୍ଡରୁ ୩ ସରକାରୀ କର୍ମଚାରୀଙ୍କୁ ଏକକାଳୀନ ୨ ଥର ଦରମା (ରେମୁନେରେସନ) ପ୍ରଦାନ କରାଯାଇଥିବା ସୂଚନା ଅଧିକାର ଆଇନ ବଳରେ ଜଣାପଡ଼ିଛି । ଏପରିକି ଉକ୍ତ ମାମଲା ଏବେ ହାଇକୋର୍ଟରେ ପହଞ୍ଚିଛି।

ସୂଚନା ଅନୁଯାୟୀ, ପ୍ରଦୀପ୍ତ କର, ସିତାଂଶୁ ଜେନା, ଉଦୟ ନାରାୟଣ ଜେନା ପ୍ରମୁଖ ସରକାରୀ କର୍ମଚାରୀ ଭାବେ କେନ୍ଦୁଝର ଡିଆରଡିଏରେ କାର୍ଯ୍ୟ କରୁଥିଲେ। ପରବର୍ତ୍ତୀ ସମୟରେ ସେମାନଙ୍କୁ କେନ୍ଦୁଝର ଡିଏମ୍ଏଫ୍‌ରେ ନିୟୋଜିତ କରାଯାଇଥିଲା। ପ୍ରଦୀପ୍ତ କର ଏବଂ ସିତାଂଶୁ ଜେନା ବରିଷ୍ଠ ରାଜସ୍ୱ ସହାୟକ ଭାବେ କାର୍ଯ୍ୟରତ ଥିଲେ। ଇତିମଧ୍ୟରେ ଉଭୟ ଚାକିରିରୁ ଅବସର ନେଇ ସାରିଛନ୍ତି। ସେହିପରି ଉଦୟ ନାରାୟଣ ଜେନା କନିଷ୍ଠ ରାଜସ୍ୱ ସହାୟକ ଭାବେ ଏବେ କାର୍ଯ୍ୟରତ ଅଛନ୍ତି। ସମସ୍ତେ ସରକାରୀ ଦରମା ପାଉଥିବା ବେଳେ ଗତ ୧ ଅକ୍ଟୋବର ୨୦୧୭ରୁ ଜୁଲାଇ ୨୦୨୪ ପର୍ଯ୍ୟନ୍ତ ତିନି କର୍ମଚାରୀ ଡିଏମ୍ଏଫ୍ ଫଣ୍ଡ କଣ୍ଟିଜେନ୍ସିରୁ ଏପ୍ରିଲ ୨୦୨୪ ସୁଦ୍ଧା ୧ ଲକ୍ଷ ୯୪ ହଜାର ଟଙ୍କା ଦରମା ନେଇଛନ୍ତି। ପ୍ରଦୀପ୍ତ ୨୦୧୭ ଅକ୍ଟୋବର ମାସରୁ ୨୦୨୧ ମେ ପର୍ଯ୍ୟନ୍ତ ଏବଂ ସିତାଂଶୁ ୨୦୨୧ ଜୁନରୁ ୨୦୨୪ ଜାନୁୟାରୀ ପର୍ଯ୍ୟନ୍ତ ଡିଏମ୍ଏଫ୍ ଫଣ୍ଡରୁ ଦରମା ନେଇଛନ୍ତି। ସେହିପରି ଉଦୟ ନାରାୟଣ ମଧ୍ୟ ଡିଏମ୍ଏଫ୍ ଫଣ୍ଡରୁ ୨୦୨୪ ଏପ୍ରିଲ ମାସରୁ ଦରମା ନେଉଛନ୍ତି, ଯାହାକି ଆଇନସମ୍ମତ ନୁହେଁ।

ସୂଚନାଯୋଗ୍ୟ, ଜିଲାପାଳ ଡିଏମ୍ଏଫ୍‌ର ଅଧ୍ୟକ୍ଷ ଏବଂ ପିଡି (ଜିଲା ପରିଷଦ ସିଡିଓ) ଏହାର ସିଇଓ ଅଟନ୍ତି। ଅନୁଦାନ ଖର୍ଚ୍ଚ ସମ୍ବନ୍ଧୀୟ ସମସ୍ତ ଆପ୍ରୁଭାଲ ଏବଂ ରିଲିଜ ଡିଏମ୍ଏଫ୍‌ର ଅଧ୍ୟକ୍ଷ ଏବଂ ସିଇଓଙ୍କ ଦସ୍ତଖତରେ ହୋଇଥାଏ। ତେବେ ସମ୍ପୃକ୍ତ ସରକାରୀ କର୍ମଚାରୀ ଦରମା ପାଉଥିବା ବେଳେ ସେମାନଙ୍କୁ ପୁନଶ୍ଚ କିପରି ଡିଏମ୍ଏଫ୍ ଫଣ୍ଡରୁ ଦରମା ପ୍ରଦାନ କରାଗଲା। ଏଥିପାଇଁ କିଏ ଦାୟୀ, ତାହାର ତଦନ୍ତ କରାଯାଇ ଆଇନଗତ କାର୍ଯ୍ୟାନୁଷ୍ଠାନ ସହ ସୁଧ, ମୂଳ ସହ ଉକ୍ତ ଟଙ୍କା ଆଦାୟ ପାଇଁ ଦାବି ହୋଇଛି।

## ଧନ୍ଦାମୂଳକ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ପାଟଣା,୩୦।୧୧(ବିରୋକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଅନ୍ତର୍ଗତ ୪୯ ନମ୍ବର ଜାତୀୟ ରାଜପଥ କଡ଼ ଝାରବେଡ଼ାଠାରେ ଟାଟା ପାୱାର ପକ୍ଷରୁ ଶନିବାର ଧନ୍ଦାମୂଳକ ତାଲିମ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଟାଟା ପାୱାର ସିଏସ୍‌ଆର ଅଧିକାରୀ ଶିବା ମୁଖୀ, ହିମାଂଶୁ ନାଏକଙ୍କ ସଂଯୋଜନାରେ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବରେ ଟିପିଏନଓଡିଏଲର ସିଇଓ ଦ୍ୱିଜଦାସ ବାସକ, ମୁଖ୍ୟ ବକ୍ତାଭାବରେ ଟାଟା ପାୱାରର ମୁଖ୍ୟ ବାଣିଜ୍ୟ ଅଧିକାରୀ ଦିଲ୍ଲୀପ ସାହୁ, ସମ୍ମାନିତ ଅତିଥିଭାବରେ କେନ୍ଦୁଝର ସର୍କଲର ସୁପରିଟେଣ୍ଡେଣ୍ଟ ଇଞ୍ଜିନିୟର ରଶ୍ମିକାନ୍ତ ବେହେରା, ଆନନ୍ଦପୁର ଉପଖଣ୍ଡର କାର୍ଯ୍ୟକାରୀ ଯନ୍ତ୍ରୀ ଅଶ୍ୱିନୀ ମହାନ୍ତ, କେନ୍ଦୁଝର କାର୍ଯ୍ୟକାରୀ ଯନ୍ତ୍ରୀ ମୀନକେତନ ସାମଲ ଯୋଗଦେଇଥିଲେ। ଏଥିରେ କମ୍ପ୍ୟୁଟର ଶିକ୍ଷା, ସିଲେଇ ତାଲିମ ସହ ଇଂରାଜୀ ଉଚ୍ଚାରଣ ଓ ସିକ୍ୟୁରିଟି ପାଇଁ ତାଲିମ ପ୍ରଦାନ କରାଯିବ।

## ଶିଶୁମନ୍ଦିରରେ ଶିଶୁ ଶିବିର

ଚମ୍ପୁଆ,୨୯।୧୧(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ଶିଶୁ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଧରଣୀଧର ଦାସଙ୍କ ଅଧ୍ୟକ୍ଷତାରେ ଅତିଥି ଭାବରେ ପରିଚାଳନା ସଭାପତି ରମାକାନ୍ତ ପ୍ରଧାନ, ପୂର୍ବତନ ଚନ୍ଦ୍ରଶେଖର ମହାବିଦ୍ୟାଳୟର ଅଧ୍ୟକ୍ଷ ଅଜୟ ପ୍ରଧାନ, ଅବସରପ୍ରାପ୍ତ ଶିକ୍ଷକ ଅଖିଳ ଚନ୍ଦ୍ର ପ୍ରଧାନ, ସଦାନନ୍ଦ ଦେହୁରୀ, ପ୍ରତିଭାମଞ୍ଜରୀ ନାୟକ ପ୍ରମୁଖ ଯୋଗଦେଇଥିଲେ।

# ଅନାସ୍ଥାକୁ ନେଇ ଉତ୍ତେଜନା

**ଆକରୁଆ ପଞ୍ଚାୟତ**

**ୱାର୍ଡ ସଭ୍ୟଙ୍କୁ ଫେରାଇ ନେଲେ ଗ୍ରାମବାସୀ**

ଛେନାପଦି,୩୦।୧୧(ନିରାକାର ପରିଡ଼ା)


ପଞ୍ଚାୟତ ଆଗରେ ଲୋକେ ରୁଣ୍ଡ ହୋଇଛନ୍ତି।

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ଆକରୁଆ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଗତ ହୋଇଛି। ଏ ନେଇ ଶନିବାର ଆଲୋଚନା ବୈଠକ ଥିବା ବେଳେ ଗ୍ରାମବାସୀ ଏହାକୁ ବିରୋଧ କରିଛନ୍ତି। କେତେ ଜଣ ୱାର୍ଡ ସଭ୍ୟଙ୍କୁ ଫେରାଇ ନେବାକୁ ଉଦ୍ୟମ କରିଥିଲେ। ଏ ନେଇ ପଞ୍ଚାୟତ ଆଗରେ ଉତ୍ତେଜନାମୂଳକ ସ୍ଥିତି ଦେଖାଦେଇଥିଲା। ଶେଷରେ ଅଧିକାରୀ, ୱାର୍ଡ ସଭ୍ୟମାନେ ନ ଆସିବାରୁ ଅନାସ୍ଥା ପ୍ରସ୍ତାବ ବୈଠକ ହୋଇପାରି ନ ଥିବା ଜଣାପଡ଼ିଛି।

ଆକରୁଆ ପଞ୍ଚାୟତର ସରପଞ୍ଚ ହେମଲତା ବେହେରାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଆଲୋଚନା ହେବାରଥିଲା। ଉପ ଜିଲାପାଳଙ୍କ ଚିଠି (ନଂ. ୧୦୦୬୪, ୧୧ ନଭେମ୍ବର ୨୦୨୪)ରେ ଶନିବାର ୧୧ଟା ବେଳେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବୈଠକ କରାଯାଇ ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ଆଲୋଚନା ପାଇଁ ନୋଟିସ୍ ହୋଇଥିଲା। ଏ ନେଇ ସରପଞ୍ଚ, ୱାର୍ଡ ସଭ୍ୟାସଭ୍ୟଙ୍କୁ ଅବଗତ କରାଯାଇଥିଲା। ଏଥିରେ ଅଧିକାରୀଭାବେ ଆନନ୍ଦପୁର ତହସିଲଦାର ଯୋଗଦେବେ ବୋଲି ଉଲ୍ଲେଖ କରାଯାଇଥିଲା। ସକାଳ ୯ଟାରେ ଶତାଧିକ ଲୋକ ଏହାକୁ ବିରୋଧ କରି ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଏକାଠି ହୋଇଥିଲେ। ୨ ୱାର୍ଡର ଲୋକମାନେ ସେମାନଙ୍କ ୱାର୍ଡ ସଭ୍ୟମାନଙ୍କୁ ଘରକୁ ନେଇ ଯିବାକୁ ଉଦ୍ୟମ କରିଥିଲେ। ଆମେ ଭୋଟ ଦେଇ ୱାର୍ଡ ସଭ୍ୟଙ୍କୁ ମନୋନୀତ କରିଥିଲୁ। କିନ୍ତୁ ଆମକୁ ନ ପଚାରି ସେ କାହିଁକି ଅନାସ୍ଥା ଆଣିବେ। ତାଙ୍କୁ ପ୍ରଲୋଭନ ଦେଖାଇ ମାସେ ହେଲା ନେଇଯାଇ ଅଜ୍ଞାତବାସରେ ରଖାଯାଇଛି ବୋଲି ପଦ୍ମନାଭ ଜେନା, ତ୍ରୈଲୋକ୍ୟ ଜେନା, ଲତା ଯେନା, ଲିପୁ ଜେନା, ଶରତ ଜେନା ପ୍ରମୁଖ ଗ୍ରାମବାସୀ କହିଥିଲେ। ଏଥିସହ ଏଠାକାର ଜିଲା ପରିଷଦ ସଭ୍ୟ ପଞ୍ଚାୟତରେ କିଛି ୱାର୍ଡ ସଭ୍ୟାସଭ୍ୟଙ୍କୁ ହାତବାରିଶି କରି ପଞ୍ଚାୟତରେ ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି ବୋଲି ଏମାନେ ଅଭିଯୋଗ କରିଥିଲେ। ସରପଞ୍ଚ ଓ ତାଙ୍କ ଭିତରେ ତିକ୍ତତା କାରଣରୁ ପଞ୍ଚାୟତରେ କୌଣସି ବିକାଶ ହୋଇପାରୁନାହିଁ। ବିବାଦ ମଧ୍ୟରେ ଅପରାହ୍ନ ୨ଟା ସୁଧା କେହି ଅଧିକାରୀ ପଞ୍ଚାୟତକୁ ଆସି ନ ଥିଲେ। ଏ ସମ୍ପର୍କରେ ଜିଲା ପରିଷଦ କୌଶଲ୍ୟା ସେଠୀ କହିଛନ୍ତି, ଗ୍ରାମବାସୀଙ୍କ ଅଭିଯୋଗ ଭିତ୍ତିହୀନ। ୱାର୍ଡସଭ୍ୟମାନେ ଅନାସ୍ଥା ଆଣିଛନ୍ତି। ସେମାନେ ସମର୍ଥନ କି ବିରୋଧ କରିବେ। ସେଥିରେ ତାଙ୍କର କିଛି ଭୂମିକା ନାହିଁ। ହାଟଡ଼ିହୀ ବ୍ଲକ୍‌ର ଭାରପ୍ରାପ୍ତ ଜିପିଓ ଶରତ କୁମାର ବେଜ କହିଛନ୍ତି, ସଭାରେ ଉପସ୍ଥିତ ରହିବାକୁ ଥିବା ଅଧିକାରୀ ସ୍ୱାସ୍ଥ୍ୟଗତ କାରଣରୁ ଛୁଟିରେ ରହିବାରୁ ଅନାସ୍ଥା ବୈଠକକୁ ସ୍ଥଗିତ ରଖାଯାଇଥିବା କହିଛନ୍ତି। ଉପ ଜିଲାପାଳଙ୍କ ଚିଠି (ନଂ .୧୦୬୫୮/ ୩୦ ନଭେମ୍ବର୨୦୨୪)ରେ ସମସ୍ତଙ୍କୁ ଅବଗତ କରାଇ ଦିଆଯାଇଥିବା ସୂଚନା ଦେଇଛନ୍ତି। ସୂଚନଯୋଗ୍ୟ, ପଞ୍ଚାୟତର ୱାର୍ଡ ସଭ୍ୟମାନେ ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପରେ ୮ଜଣ ସଭ୍ୟ ମାସେ ହେଲା ଅଜ୍ଞାତବାସରେ ରହିଛନ୍ତି।

## ଛୁରୁଣୀରେ କଳିକା କେନ୍ଦ୍ର ଉଦ୍‌ଘାଟିତ

ଗୋପବନ୍ଧୁନଗର, ୩୦।୧୧(ଶାନ୍ତନୁ କୁମାର ମଣ୍ଡୁଆଳ)–ନିୟତି ଫାଉଣ୍ଡେଶନ ଓ ଓଡିଶା ଖଣିଜ ପଦାର୍ଥ ଧାରକ ଅଞ୍ଚଳ ଉନ୍ନୟନ ନିଗମର ମିଳିତ ସହଯୋଗିତାରେ ମୟୂରଭଞ୍ଜ ଜିଲା ଗୋପବନ୍ଧୁନଗର ଛୁରୁଣୀ ଗ୍ରାମରେ କଳିକା କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ମୁଖ୍ୟଅତିଥି ଭାବେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ (ସିଡିପିଓ) ସୁଜାତା ମହାପାତ୍ର ଯୋଗଦେଇ କଳିକା କେନ୍ଦ୍ରର ଆବଶ୍ୟକତା ଏବଂ ପ୍ରଭାବ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ୭ମାସରୁ ୩ବର୍ଷ ଶିଶୁଙ୍କ ପୋଷଣ ଏବଂ ଶାରୀରିକ ଓ ମାନସିକ ବିକାଶରେ କଳିକାର ଗୁରୁତ୍ୱ ବର୍ଣ୍ଣନା କରିଥିଲେ। ଯେଉଁ କର୍ମଜୀବୀ ମହିଳା କର୍ମକ୍ଷେତ୍ରକୁ ନିଜ ଛୁଆଙ୍କୁ ନେଇ ଯାଉଥିଲେ ଏବେ ସେମାନେ ତାଙ୍କ ଛୁଆଙ୍କ ରକ୍ଷଣାବେକ୍ଷଣ ପାଇଁ ଛାଡି କାର୍ଯ୍ୟକ୍ଷେତ୍ରକୁ ଯାଇପାରିବେ। ଶିଶୁଙ୍କ ଖାଇବା ପିଇବା ଓ ଯତ୍ନ ସମ୍ପୂର୍ଣ୍ଣ ନିୟତି ଫାଉଣ୍ଡେଶନ ତରଫରୁ ମାଗଣା ଦିଆଯିବ। ମାତୃ ତଥା ଶିଶୁ ବିକାଶର କଳିକା କେନ୍ଦ୍ର ଏକ ଯୁଗାନ୍ତକାରୀ ପଦକ୍ଷେପ ବୋଲି ପ୍ରକାଶ କରିଥିଲେ ସିଡିପିଓ ମହାପାତ୍ର। ସମ୍ମାନନୀୟ ଅତିଥି ଭାବେ ସରପଞ୍ଚ ମମତା ଖଡୁଆ, ରାଣୀବନ୍ଧ ପଞ୍ଚାୟତ ଆର୍ . ଇ ପ୍ରକାଶ କୁମାର, ଅଙ୍ଗନୱାଡ଼ି କର୍ମୀ କୁନିମଣି ଉପାଧ୍ୟାୟ, ନିୟତି ଫାଉଣ୍ଡେଶନର ପ୍ରୋଜେକ୍ଟ ମ୍ୟାନେଜର ସୁଦୀପ କେଶ, ପ୍ରୋଜେକ୍ଟ ସୁପଭାଇଜର ଚିନ୍ମୟ ପଣ୍ଡା ଓ ଶର୍ମିଷ୍ଠା ବାରିକ ଉପସ୍ଥିତ ଥିଲେ। ସିଡିପିଓ ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜ୍ଞାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବୈଶିଙ୍ଗା,୩୦।୧୧(ରତନ ଦାଶ)

ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅନ୍ତର୍ଗତ ପୁରୁଣିଆସ୍ଥିତ ରାଧାକୃଷ୍ଣ ଉଚ୍ଚ ବିଦ୍ୟାଳୟ ବିଜ୍ଞାନ ଶିକ୍ଷକ ଗିରିଜା ଶଙ୍କର ଆଚାର୍ଯ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏ ନେଇ ବିଦ୍ୟାଳୟରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ରବିନ୍ଦ୍ର ସାମନ୍ତରାୟଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ଓଷ୍ଟାର ଜିଲା ସମ୍ପାଦକ କିଶୋର ଆଚାର୍ଯ୍ୟ, ମୁଖ୍ୟବକ୍ତାଭାବେ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ସୁଧାକର ପରିଡ଼ା, ସମ୍ମାନିତ ଅତିଥିଭାବେ ବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସମ୍ପାଦକ ମାୟାଧର ସିଂ, ଓଷ୍ଟାର ବ୍ଲକ୍ ସମ୍ପାଦକ ସୂର୍ଯ୍ୟାନନ୍ଦ ନାୟକ, ପରିଚାଳନା କମିଟି ସଭ୍ୟା ତୃପ୍ତି ପଟ୍ଟନାୟକ, ବିଦ୍ୟାଳୟର ପୂର୍ବତନ ଶିକ୍ଷକ ଅଭୟ ପ୍ରଧାନ ପ୍ରଭୃତି ଅତିଥି ମଞ୍ଚାସୀନ ଥିଲେ। ଗିରିଜା ଶଙ୍କର ୧୯୮୭ରେ ବିଦ୍ୟାଳୟରେ ବିଜ୍ଞାନ ଶିକ୍ଷକ ଭାବରେ ଚାକିରି ଜୀବନ ଆରମ୍ଭ କରି ଦୀର୍ଘ ୩୭ ବର୍ଷ ଧରି ବିଦ୍ୟାଳୟରେ କାର୍ଯ୍ୟ କରିଥିଲେ। ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଗ୍ରାମବାସୀ, ପରିଚାଳନା କମିଟି ସଭ୍ୟ, ପୂର୍ବତନ ଛାତ୍ରୀଛାତ୍ର ଯୋଗଦାନ କରିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପ୍ରଭାତ ଆଚାର୍ଯ୍ୟ ମଞ୍ଚ ପରିଚାଳନା କରିଥିବାବେଳେ ଶିକ୍ଷୟିତ୍ରୀ ସସ୍ମିତା ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା

ଗୋପବନ୍ଧୁନଗର, ୩୦।୧୧
(ଶାନ୍ତନୁ କୁମାର ମଣ୍ଡୁଆଳ)

ଗୋପବନ୍ଧୁ ନଗର ବ୍ଲକ କୁଆମରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି। ବାଲ୍ ବର୍ଗ, ଶିଶୁ ବର୍ଗ, ସ୍ୱତନ୍ତ୍ର ବର୍ଗ ଓ ବାଟିକା ବିଭାଗର ମୋଟ ୧୪ଟି ଲେଖାଏଁ ବର୍ଗର ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଧାନଆଚାର୍ଯ୍ୟ ରମେଶ ଚନ୍ଦ୍ର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରତିଯୋଗିତାକୁ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୌରମୋହନ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ସଭାପତି ପ୍ରଶାନ୍ତ କୁମାର ପରିଡା, ସମ୍ପାଦକ ମନମୋହନ ମହାପାତ୍ର, ପୂର୍ବତନ ସମ୍ପାଦକ କୁଳମଣି ବେହେରା, ବିମଳ ମିଶ୍ର ପ୍ରମୁଖ ଯୋଗଦେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। ଗୁରୁମା ଶୁଭଶ୍ରୀ ଦାସ ଖେଳ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ଅନ୍ୟ ଗୁରୁଜୀ ଓ ଗୁରୁମାମାନେ ପରିଚାଳନାରେ ସହଯୋଗ କରିଥିଲେ।

